ଆଜି - ସୋମବାର
ତାରିଖ - ୧୦ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୫
ତିଥି - ଦ୍ୱାଦଶୀ, ତ୍ରୟୋଦଶୀ ପକ୍ଷ- କୃଷ୍ଣ
ନକ୍ଷତ୍ର - କ୍ଷୟ, ଆଦ୍ରା, ମିଥୁନ୍ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୯:୦୦
ସୂର୍ଯ୍ୟାସ୍ତ - ୬:୧୫:୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ସ୍ୱର୍ଗୀୟ ପ୍ରେମର ଶକ୍ତିକୁ ମାପ କରିହେବ ନାହିଁ । ଏହାକୁ ବର୍ଣ୍ଣନା ମଧ୍ୟ କରିହେବ ନାହିଁ । ଜଣେ ଯେଉଁ ସ୍ଥାନକୁ ଯାଏ, ଯାହା କରେ, ଏହା ତାକୁ ଅନୁସରଣ କରିଥାଏ ।"
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀ


E-News : www.Ajikali epaper.com

Vol.- 41 ISSUE- 118 R.N.I. REGD. No. 44026/86 ବାଲେଶ୍ୱର ୧୦ ଅଗଷ୍ଟ ୨୦୨୬ ସୋମବାର BALASORE 10 AUGUST 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦







## ହର ଘର ତିରଙ୍ଗା ଅଭିଯାନରେ ଦେଶବାସୀଙ୍କୁ ସାମିଲ ହେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନାଗରିକମାନଙ୍କୁ 'ହର ଘର ତିରଙ୍ଗା' ଅଭିଯାନରେ ଉତ୍ସାହର ସହିତ ଅଂଶଗ୍ରହଣ କରିବାକୁ ଏବଂ ଏକ 'ବିକଶିତ ଭାରତ' ଗଠନ ଦିଗରେ ନିଜର ସାମୂହିକ ସଂକଳ୍ପକୁ ଦୋହରାଇବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେ ତ୍ରିରଙ୍ଗା ପତାକା ଭାରତର ଗୌରବର ପ୍ରତୀକ ଏବଂ ଦେଶ ପାଇଁ ସର୍ବୋତ୍ତମ ଯୋଗଦାନ ଦେବାକୁ ପ୍ରତ୍ୟେକ ନାଗରିକ ପାଇଁ ଏହା ଏକ ନିରନ୍ତର ପ୍ରେରଣାର ଉତ୍ସ । ଶ୍ରୀ ମୋଦୀ ଖୁସି ପ୍ରକାଶ କରିଛନ୍ତି ଯେ ଚଳିତ ବର୍ଷର 'ହର ଘର ତିରଙ୍ଗା' ଅଭିଯାନ 'ବନ୍ଦେ ମାତରମ୍'କୁ ସମର୍ପିତ, କାରଣ ଦେଶ ଏହି ରାଷ୍ଟ୍ରୀୟ ସଙ୍ଗୀତର ୧୫୦ତମ ଜୟନ୍ତୀ ପାଳନ କରୁଛି । ପ୍ରଧାନମନ୍ତ୍ରୀ 'ଏକ୍ସ' ରେ ପୋଷ୍ଟ କରିଛନ୍ତି: ଆମ ତ୍ରିରଙ୍ଗା ଆମର ଗୌରବ ଏବଂ ଦେଶ ପାଇଁ ସର୍ବଦା ଶ୍ରେଷ୍ଠ ଯୋଗଦାନ ଦେବା ନିମନ୍ତେ ଏହା ଏକ ନିରନ୍ତର ପ୍ରେରଣାର ଉତ୍ସ । ଆସନ୍ତୁ 'ହର ଘର ତିରଙ୍ଗା' (#HarGharTiranga) ଅଭିଯାନରେ ଉତ୍ସାହର ସହିତ ଅଂଶଗ୍ରହଣ କରିବା ଏବଂ ଏକ 'ବିକଶିତ ଭାରତ' ଗଠନ ଦିଗରେ ନିଜର ସାମୂହିକ ସଂକଳ୍ପକୁ ଦୋହରାଇବା । ଖୁସିର ବିଷୟ ଯେ ଚଳିତ ବର୍ଷର ଏହି ପ୍ରଚେଷ୍ଟା 'ବନ୍ଦେ ମାତରମ୍'କୁ ସମର୍ପିତ ଏବଂ ତାହା ପୁଣି ଏପରି ଏକ ସମୟରେ ହେଉଛି ଯେତେବେଳେ ଆମେ ଏହାର ୧୫୦ତମ ଜୟନ୍ତୀ ପାଳନ କରୁଛୁ ।

# ଘରେ ଘରେ ତ୍ରିରଙ୍ଗା ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ପବିତ୍ର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ । ଏହି ଅବସରରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଂଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି । ନିଜ ଅଭିଭାଷଣ ସ୍ୱାଧୀନତା ସଂଗ୍ରାମୀ, ବୀର ଶହୀଦ ଏବଂ ଓଡ଼ିଶାର ଅମର ସପୁତମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୪୨ ଅଗଷ୍ଟ ୯ ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା 'ଭାରତ ଛାଡ଼' ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା । ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନୋଟି ରଙ୍ଗର ସମାହାର ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ । କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ । ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଏକ ବର୍ଣ୍ଣାଢ଼୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ.ସି.ସି. ଏବଂ ଏନ.ଏସ.ଏସ.ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ଶୃଙ୍ଖଳିତ ଭାବେ ପଦଯାତ୍ରା କରିଥିଲେ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଶିଷ୍ଟ କ୍ରୀଡ଼ାବିତ୍‌ଏବଂ ହଜାର ହଜାର ଛାତ୍ରଛାତ୍ରୀ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।




## ଅଳ୍ପରେ ଖବର

» ଆଜି ଦର ବଢ଼ିବା କାରଣରୁ ଚେନ୍ନାଇକୁ ଛାଡ଼ି ଦେଶର ଅଧିକାଂଶ ସରାଫା ବଜାରରେ ଆଜି ସୁନାର ଦାମ ପ୍ରତି ୧୦ ଗ୍ରାମ ପିଛା ୨,୨୯୦ ଟଙ୍କାରୁ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି । ଅନ୍ୟପଟେ, ଚେନ୍ନାଇରେ ଆଜି ସୁନା ଦାମ ପ୍ରତି ୧୦ ଗ୍ରାମ ପିଛା ୧,୫୧୦ ଟଙ୍କାରୁ ୧,୬୫୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି ।

» ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମ ଆରାବଳୀ ପର୍ବତକୁ ପରିଭାଷିତ କରିବା ପାଇଁ ଗଠିତ କମିଟିର କାର୍ଯ୍ୟକାଳକୁ ଦୁଇ ମାସ ବୃଦ୍ଧି କରିବାକୁ ଦାବି କରିଛି ।

» ଅନ୍ତର୍ଜାତୀୟ ଜନଜାତି ଦିବସର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ । ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତା ଜାରି କରି ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱ ଆଦିବାସୀ ଦିବସ ଅବସରରେ ଆମେ ଭାରତର ଆଦିବାସୀ ସମୁଦାୟଗୁଡ଼ିକର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ଅମୂଲ୍ୟ ଅବଦାନକୁ ସମ୍ମାନ ଓ ଉତ୍ସବର ସହ ପାଳନ କରୁଛୁ ।

## ପୁଡୁଚେରୀ ପୋଲିସକୁ ରାଷ୍ଟ୍ରପତି କଲର୍ସ ପ୍ରଦାନ କଲେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହ

ପୁଡୁଚେରୀ : କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ପୁଡୁଚେରୀ ପୋଲିସକୁ 'ପ୍ରେସିଡେଂଟସ କଲର୍ସ' ପ୍ରଦାନ କରିଛନ୍ତି । ଏହି ଅବସରରେ ଉପରାଜ୍ୟପାଳ ଶ୍ରୀ କେ. କୈଳାସନାଥନ ଏବଂ ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଶ୍ରୀ ଏନ୍. ରଙ୍ଗାସାମୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ନିଜ ଅଭିଭାଷଣରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ, ପୁଡୁଚେରୀ ଦକ୍ଷିଣ ଭାରତର ଆଧାତ୍ମିକ ଏବଂ ସାଂସ୍କୃତିକ ଚେତନାର ଏକ ଜୀବନ୍ତ ପ୍ରତୀକ । ଆଜି ପୁଡୁଚେରୀ ପୋଲିସ ଦେଶର ସେହି ପୋଲିସ ବାହିନୀ ଗୁଡ଼ିକ ମଧ୍ୟରେ ସାମିଲ ହୋଇଛି, ଯେଉଁମାନଙ୍କୁ 'ପ୍ରେସିଡେଂଟସ କଲର୍ସ' ପ୍ରଦାନ କରାଯାଇଛି । ପୁଡୁଚେରୀ ପୋଲିସକୁ ଏହି ସମ୍ମାନ ମିଳିବା ବାହିନୀର ସାହସିକତା, କଠିନ ପରିଶ୍ରମ ଏବଂ ସମର୍ପଣ ଭାବର ପ୍ରମାଣ ଅଟେ । ଶ୍ରୀ ଅମିତ ଶାହ କହିଛନ୍ତି ଯେ, 'ପ୍ରେସିଡେଂଟସ କଲର୍ସ' ପାଇବା ଯେକୌଣସି



ପୋଲିସ ବାହିନୀ ପାଇଁ ଅତ୍ୟନ୍ତ ଗୌରବର ମୁହୂର୍ତ । ପୁଡୁଚେରୀର ସୁରକ୍ଷା, ଆଭ୍ୟନ୍ତରୀଣ ନିରାପତା ଏବଂ ଏହାର ସମ୍ମାନ ବଜାୟ ରଖିବା ଦାୟିତ୍ୱ ପୁଡୁଚେରୀ ପୋଲିସ ଉପରେ ନ୍ୟସ୍ତ । ପୁଡୁଚେରୀ ପୋଲିସ ତାହାର ଅକ୍ଲାନ୍ତ ପରିଶ୍ରମ, ବୀରତ୍ୱ, ସେବା ଏବଂ ନିଷ୍ଠାର ସ୍ୱୀକୃତି ସ୍ୱରୂପ ଏହି ପ୍ରତିଷ୍ଠିତ ସମ୍ମାନ ଲାଭ କରିଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ, ଦୀର୍ଘ ଦିନ ଧରି ଫରାସୀ ଶାସନାଧୀନ ରହିବା ସତ୍ତ୍ୱେ ପୁଡୁଚେରୀ ତାହାର ଭାରତୀୟ ପରିଚୟ ଏବଂ ଆଧାତ୍ମିକ ଶକ୍ତିକୁ ବଜାୟ ରଖିପାରିଛି । ୧୯୬୩ ମସିହା ଅକ୍ଟୋବର ୧ ତାରିଖରେ ପୁଡୁଚେରୀରେ ପୋଲିସ ମହାନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଥିଲା ଏବଂ ସେବେଠାରୁ ପୁଡୁଚେରୀ ପୋଲିସ ଏହି ସୀମାନ୍ତ ଅଂଚଳର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିଆସୁଛି । ଶ୍ରୀ ଅମିତ ଶାହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ବ୍ରିଟିଶ ଅମଳର ଦଣ୍ଡବିଧି ଆଇନ ପରିବର୍ତେ ତିନୋଟି ନୂତନ ଅପରାଧିକ ଆଇନ ଲାଗୁ କରିଛନ୍ତି । ଏହି ନୂତନ ଆଇନଗୁଡ଼ିକ କେବଳ ଦଣ୍ଡବିଧାନ ପାଇଁ ନୁହେଁ; ବରଂ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିବିଦ୍ୟା-ଆଧାରିତ ଏବଂ ସମୟସୀମା ମଧ୍ୟରେ ନାଗରିକମାନଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା । ଏହି ନୂତନ ଅପରାଧିକ ଆଇନଗୁଡ଼ିକ ତିନୋଟି ମୁଖ୍ୟ ସ୍ତମ୍ଭ: ପ୍ରଯୁକ୍ତିବିଦ୍ୟା, ସମୟସୀମା ଏବଂ ବିଶ୍ୱାସ ଉପରେ ଆଧାରିତ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ।

## ତ୍ରିରଙ୍ଗା ଆମ ଜାତୀୟ ଗୌରବ ଓ ସ୍ୱାଭିମାନ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର/ଭୁବନେଶ୍ୱର : ସମ୍ବଲପୁର ଠାରେ ରିଜର୍ଭ ପୋଲିସ ପଡ଼ିଆ ଠାରୁ ଜେଲ୍ ଛକ ପର୍ଯ୍ୟନ୍ତ ଆୟୋଜିତ 'ତ୍ରିରଙ୍ଗା ପଦଯାତ୍ରା' ସମାବେଶରେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି । ଏହି ପଦଯାତ୍ରାରେ ଓଡ଼ିଶାର ପଂଚାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ସମେତ ଅଂଚଳର ଅନେକ ଜନପ୍ରତିନିଧି, ବୁଦ୍ଧିଜୀବୀ, କାର୍ଯ୍ୟକର୍ତା, ଯୁବଶକ୍ତି ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦେଇଥିଲେ । ପଦଯାତ୍ରାରେ ଯୁବପିଢ଼ିଙ୍କ ଆବେଗ, ରାଷ୍ଟ୍ରପ୍ରେମର ଉତ୍ସାହ ଓ ଦେଶଭକ୍ତିର ନାରା ସମ୍ବଲପୁରକୁ ଗୌରବାନ୍ୱିତ କରିବା ସହ ଏକ ଅବର୍ଣ୍ଣନୀୟ ବାତାବରଣ ସୃଷ୍ଟି କରିଥିଲା । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, 'ତ୍ରିରଙ୍ଗା' ଆମ ଜାତୀୟ ଗୌରବ, ସ୍ୱାଭିମାନ ଓ ଏକତାର ପ୍ରତୀକ । ଆମର ଜାତୀୟ ପତାକା ଦେଶର କୋଟି କୋଟି ନାଗରିକଙ୍କ ଆଶା, ଆକାଂକ୍ଷା ଏବଂ ପ୍ରଗତିର ପ୍ରତିସ୍ୱରୂପ । ସମ୍ବଲପୁରରେ ଏହି 'ତ୍ରିରଙ୍ଗା ପଦଯାତ୍ରା' ଆମକୁ ଦେଶର ସ୍ୱାଧୀନତା ପାଇଁ ଆତ୍ମବଳିଦାନ ଦେଇଥିବା ଭାରତର ମହାନ ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ପବିତ୍ର ଅବସର ଦେଇଛି । ଶ୍ରୀ ପ୍ରଧାନ



ନାଗରିକମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଆମକୁ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ହେବ ।

## ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଦ୍ୱାରା ଦିଲ୍ଲୀରେ ଜଳବାୟୁ ସମ୍ମିଳନୀରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍







ନୂଆଦିଲ୍ଲୀ : ଦେଶର ଅଗ୍ରଣୀ ସାମାଜିକ ଓ ଦାତବ୍ୟ ଅନୁଷ୍ଠାନ 'ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଫ୍ ଏଜୁକେସନାଲ୍ ଆଣ୍ଡ ଚ୍ୟାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ନୂଆଦିଲ୍ଲୀଠାରେ 'ଜଳବାୟୁ ପରିବର୍ତନ : ଆହ୍ୱାନ ଓ ଅବସର' ଶୀର୍ଷକ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ, ପରିବେଶବିତ୍, ଶିଳ୍ପପତି, ଶିକ୍ଷାବିତ୍ ଓ ସମାଜସେବୀମାନେ ଯୋଗଦେଇ ଜଳବାୟୁ ପରିବର୍ତନ, ପରିବେଶ ସଂରକ୍ଷଣ ଏବଂ ନିରନ୍ତର ବିକାଶ ସାଧନ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରସ୍ତାବ, ଯୋଜନା ଓ ଅଭିନବ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତର ୨୧ ଜଣ ବିଶିଷ୍ଟ ପରିବେଶବିତ୍, ସମାଜସେବୀ ଏବଂ ଅନୁଷ୍ଠାନଙ୍କୁ ପରିବେଶ ସୁରକ୍ଷା, ଜଳବାୟୁ ସଚେତନତା ଓ ସମାବେଶୀ ବିକାଶ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନସ୍ୱଦ 'ପଂଚମ ପରିବେଶ ରତ୍ନ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା । ସମ୍ମାନିତ ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ରବୀନ୍ଦ୍ରନାଥ ପ୍ରଧାନ, କିଶୋର ଦ୍ୱିବେଦୀ, ଆଶୁତୋଷ ତ୍ରିପାଠୀ, ଇଞ୍ଜିନିୟର ସୁଶାନ୍ତ କୁମାର ମହାପାତ୍ର, ଡକ୍ଟର ମଧୁସ୍ମିତା ଦାସ, ଡକ୍ଟର ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଦୀପକ କୁମାର ରଥ, ଇଞ୍ଜିନିୟର ଅକ୍ଷୟ କୁମାର ସାମଲ, ରୀତା ପାତ୍ର, ବନ୍ଦନା ସାହୁ, ବିଶ୍ୱନାଥ ଗୁରୁଦତ, ସୟଦ ଇସାକ୍, ସଞ୍ଜୟ ମିଶ୍ର, ଜ୍ୟୋସ୍ନାରାଣୀ ରାଉତରାୟ, ବିଜୟା ନବମୀ, ଗୋବର୍ଦ୍ଧନ ଧଳ, ପ୍ରବୀର କୁମାର ମହାନ୍ତି, ଅଜୟ କୁମାର ବେହେରା, କେଏମ୍‌ଭି ପ୍ରୋଜେକ୍ଟସ୍ ଲିମିଟେଡ୍ ଏବଂ ମହାକାଂକ୍ଷା ୱେଲଫେୟାର୍ ଫାଉଣ୍ଡେସନ୍ ଆଦି ଅନ୍ତର୍ଭୁକ୍ତ ଥିଲେ । ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସାରା ଦେଶରେ ପରିବେଶ ସୁରକ୍ଷା, ଜଳବାୟୁ ସନ୍ତୁଳନ ଓ ସମାଜସେବା କ୍ଷେତ୍ରରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ କରାଯାଉଥିବା ବ୍ୟାପକ ଜନହିତକର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ ।

## ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ପ୍ରକ୍ରିୟାରେ ଜଟିଳତା ନାହିଁ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଭୁବନେଶ୍ୱର: ରାଜ୍ୟରେ ଆଗାମୀ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ ନେଇ କିଛି ସ୍ଥାନରେ ଦ୍ୱନ୍ଦ୍ୱ ଉପୁଜିଥିଲା । ତେବେ ଧାନ କିଣା ପଞ୍ଜୀକରଣ ପ୍ରକ୍ରିୟାରେ କୌଣସି ଜଟିଳତା ନାହିଁ ବୋଲି ରବିବାର ଦିନ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ପଷ୍ଟ କରିଛନ୍ତି । ବିଶେଷ କରି 'ଆଗ୍ରିଷ୍ଟାକ୍' ଆଇଡିକୁ ନେଇ ଚାଷୀମାନଙ୍କ ମନରେ ଥିବା ଭୟ ଓ ଆଶଙ୍କାକୁ ସେ ଦୂର କରିଛନ୍ତି ।ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇ କହିଛନ୍ତି ଯେ, ଧାନ ବିକ୍ରି ନିମନ୍ତେ ସୋସାଇଟିରେ ନାମ ପଞ୍ଜୀକରଣ କରିବାକୁ କୃଷି ବିଭାଗ ପକ୍ଷରୁ ଦିଆଯାଉଥିବା 'ଆଗ୍ରିଷ୍ଟାକ୍' ଆଇଡି ବର୍ତମାନ ପାଇଁ ବାଧ୍ୟତାମୂଳକ ନୁହେଁ । ଯେଉଁ ଚାଷୀମାନଙ୍କ ପାଖରେ ଏହି ଆଇଡି ନାହିଁ, ସେମାନେ ମଧ୍ୟ ବିନା ବାଧାରେ ସହଜରେ ନିଜର ପଞ୍ଜୀକରଣ କରିପାରିବେ । ତେବେ ମଣ୍ଡିରେ ଧାନ ଦେବା ପାଇଁ ଟୋକନ୍ ଗ୍ରହଣ କରିବା ପୂର୍ବରୁ ଏହି ଆଇଡିର ଆବଶ୍ୟକତା ରହିବ । ଯେଉଁମାନଙ୍କର ଆଗ୍ରିଷ୍ଟାକ୍ ଆଇଡି ନାହିଁ, ସେମାନେ ପଞ୍ଜୀକରଣ ସମୟରେ ନିଜ ଜମିର ପଟ୍ଟା ବା ରେକର୍ଡ ଅଫ୍ ରାଇଟ୍ସ ଦେଇ ଅଫିସରେ ଆବେଦନ କରିପାରିବେ ଏବଂ ମାତ୍ର ଦୁଇ ଦିନ ମଧ୍ୟରେ ସେମାନଙ୍କୁ ଆଇଡି ପ୍ରଦାନ କରାଯିବାର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୫,୦୯୩ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିସାରିଥିବା ବେଳେ, ସେମାନଙ୍କ ମଧ୍ୟରୁ ୩,୧୦୮ ଜଣ ନିଜର ଆଗ୍ରିଷ୍ଟାକ୍ ଆଇଡି ଦାଖଲ କରିଛନ୍ତି । କେବଳ ପ୍ରକୃତ ଜମି ମାଲିକ ନୁହନ୍ତି, ବରଂ ଭାଗ ଚାଷୀମାନେ ମଧ୍ୟ ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ସରକାରୀ ଦରରେ ଧାନ ବିକ୍ରି କରିପାରିବେ । ରାଜ୍ୟ ସରକାର ସବୁବେଳେ ଚାଷୀଙ୍କ ହିତ ପାଇଁ ଛିଡ଼ା ହୋଇଛନ୍ତି ଏବଂ ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଖରିଫ୍ ଋତୁରେ ରାଜ୍ୟ ସରକାର ମୋଟ ୭୮ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ରବି ଋତୁରେ ୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲେ । ଚଳିତ ବର୍ଷ ମଧ୍ୟ ଏହି ପ୍ରକ୍ରିୟାକୁ କିପରି ଅଧିକ ସ୍ୱଚ୍ଛ ଓ ବ୍ୟବସ୍ଥିତ କରାଯାଇପାରିବ, ସେନେଇ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ।



# ଡାକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ବାଲେଶ୍ୱର(ନି.ପ୍ର) : ଓଡ଼ିଶା ରାଜ୍ୟସ୍ତରୀୟ ଡାକ କର୍ମଚାରୀ ସଂଘର ୩ୟ ଶ୍ରେଣୀ କର୍ମଚାରୀମାନଙ୍କର ୧୩ତମ ଦ୍ୱିବାର୍ଷିକ ସମ୍ମିଳନୀ ଓ ବାଲେଶ୍ୱର ଡିଭିଜନ୍‌ର ୩ୟ ଶ୍ରେଣୀ ପୋଷ୍ଟମ୍ୟାନ୍, ଏମ୍‌ଟିଏସ୍ କର୍ମଚାରୀ ସଂଘର ମିଳିତ ସମ୍ମିଳନୀ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବ ଦିନ ପ୍ରତିନିଧି ଅଧିବେଶନରେ ଆସନ୍ତା ଦୁଇବର୍ଷ ପାଇଁ କର୍ମକ□ା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଂଘର ସଭାପତି ଶିବାନନ୍ଦ ଦାଶ, ସଂପାଦକଭାବେ ରାଜେଶ ବହିଦାର ଓ କୋଷାଧ୍ୟକ୍ଷ ଭାବେ ସୁରଥ ଖୁ□ଆ ନିର୍ବାଚିତ ହୋଇଥିବାବେଳେ ବାଲେଶ୍ୱର ଡିଭିଜନ୍‌ର ୩ୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ସଭାପତି ଅଜୟ ନାରାୟଣ ଦାସ, ସଂପାଦକ କା□ିକ ଚନ୍ଦ୍ର ଦାସ ଓ କୋଷାଧ୍ୟକ୍ଷ ଭାବେ ଦୈପନ ସାହୁ ଏବଂ ପୋଷ୍ଟମ୍ୟାନ୍ ସଂଘର ସଭାପତି ଭାବେ ଭାସ୍କରଚନ୍ଦ୍ର



ମଲ୍ଲିକ, ସଂପାଦକ ଭାବେ ରବିନାରାୟଣ ସାହୁ ଓ କୋଷାଧ୍ୟକ୍ଷ ଭାବେ ଗୋବିନ୍ଦ ଚନ୍ଦ୍ର ଘୋଷ ସର୍ବସମ୍ମତ କ୍ରମେ ନିର୍ବାଚିତ ହୋଇଛନ୍ତି । ରବିବାରଦିନ ଉଦ୍‌ଯାପନ ଉତ୍ସବର ଖୋଲା ଅଧିବେଶନରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଶ୍ରମିକ ନେତା ପ୍ରଦୀପ୍ତ ପଣ୍ଡା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥିଭାବେ ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଓ ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ ସଂଘର ଉପସାଧାରଣ ସଂପାଦକ ଇନ୍ଦ୍ରଜିତ୍ ପାଣ୍ଡେ, ସମ୍ମାନୀତ ଅତିଥିଭାବେ ସର୍ବଭାରତୀୟ ସଂଘର ନେତା ରମେଶ ଚନ୍ଦ୍ର ମିଶ୍ର, ବୃହସ୍ପତି ସାମଲ, ସପନ କୁମାର ମହାନ୍ତି, ରବୀନ୍ଦ୍ର କୁମାର ସାହୁ, ରବିନାରାୟଣ ମହାନ୍ତି ଓ ଆଲୋକ କୁମାର ମଲ୍ଲିକ ଯୋଗଦେଇ ଡାକକର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଡାକବିଭାଗରେ ଖାଲିଥିବା ସମସ୍ତ ପଦବୀକୁ ପୂରଣ କରିବା, ୮ମ ବେତନ କମିଶନର ରିପୋର୍ଟ ତୁରନ୍ତ ପ୍ରକାଶ କରିବା, ପୁନଷ୍ଚ ପୁରୁଣା ପେନସନ୍ ଆଇନ୍ କାର୍ଯ୍ୟକାରୀ କରିବା, ଚାକିରି ପରେ ସମସ୍ତଙ୍କୁ ପେନସନ୍ ପ୍ରଦାନ, ସବୁଶ୍ରେଣୀର କର୍ମଚାରୀଭ୍‌କୁ ଗୋଟିଏ ନୀତିରେ ପେନସନ୍ ଦେବାକୁ ସେମାନେ ଦୃଢ଼ ଦାବି କରିଥିଲେ । ଡାକବିଭାଗକୁ ଘରୋଇକରଣରୁ ମୁକ୍ତ କରିବା, ଟାର୍ଗେଟ୍ ଆଳରେ କର୍ମଚାରୀମାନଙ୍କ ଶ୍ରମଶୋଷଣ ବନ୍ଦ କରିବା, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ ବୃଦ୍ଧି ବନ୍ଦ କରିବା, ୪ଟି ଶ୍ରମକୋଡ୍ ବାତିଲ କରିବାକୁ ବକ୍ତାମାନେ ଦାବିକରିଥିଲେ । ରବିବାରଦିନ ପୂର୍ବାହ୍ନରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରାରେ କର୍ମଚାରୀମାନେ ସହର ରପିକ୍ରମା କରି ସମ୍ମିଳନୀ ସ୍ଥଳରେ ପହ□ିଥିଲେ । ଜାତୀୟ ପତାକା ସମେତ ସଂଘର ପତାକାକୁ ଅତିଥିମାନେ ଉତୋଳନ କରିଥିଲେ । ଖୋଲା ଅଧିବେଶନରେ ଅତିଥିମାନଙ୍କୁ ପୂର୍ବତନ ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ ମ□କୁ ନିମନ୍ତ୍ରଣ ଜଣାଇଥିଲେ । ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ଡାକ କର୍ମଚାରୀ ନେତା ନିରଞ୍ଜନ ରାଉତ ଅତିଥି ଓ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ । ଅତିଥିମାନଙ୍କୁ ଉ□ରୀୟ ଓ ପୁଷ୍ପ ପ୍ରଦାନ କରାଯାଇଥିଲା । ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ସମ୍ମିଳନୀର ସଫଳତା କାମନା କରିଥିଲେ । ଟ୍ରେଡ୍ ୟୁନିୟନ୍ କାର୍ଯ୍ୟରେ ବିଶେଷ ଅବଦାନ ପାଇଁ ୧୫ଜଣ କର୍ମଚାରୀଙ୍କୁ ଉ□ରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ସତ୍ୟନାରାୟଣ ମହାନ୍ତି, ସରୋଜ କୁମାର ସାହୁ, ବୁଦ୍ଧିରାମ ସିଂ, ଅଜିତ୍ କୁମାର ମହାନ୍ତି,ସୁନିଲ ଆଚାର୍ଯ୍ୟ, ଗୀତାରାଣୀ ଜେନା, ଶୁଭଶ୍ରୀ ନାୟକ, ସୁରଜା ପାତ୍ର, ରବୀନ୍ଦ୍ର କୁମାର ଧଳ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ । ରାଜେଶ ବହିଦାର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବନ୍ୟା ପ୍ରଭାବିତ ୧୦୦ ପରିବାରଙ୍କୁ ପୋରାଇନୀ ଗ୍ରୁପ୍ ଆଦିବାସୀ ସଂଘ ର ରାସନ୍ ସାମଗ୍ରୀ ସହାୟତା



ବାଲେଶ୍ୱର(ନି.ପ୍ର.)ବାଲେଶ୍ୱରର ପୋରାଇନୀ ଗ୍ରୁପ୍ ଆଦିବାସୀ ସଂଘ ପକ୍ଷରୁ ଆଜି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପରିଖି ଗ୍ରାମ ପଂଚାୟତର ବଉଳାବେଣୀ ଗ୍ରାମରେ ବନ୍ୟା ପ୍ରଭାବିତ ୧୦୦ଟି ପରିବାରଙ୍କୁ ଖାଦ୍ୟ ପ୍ୟାକେଟ୍ ବଂଟନ କରାଯାଇଛି ।ସମ୍ପ୍ରତି ବନ୍ୟା ପରିସ୍ଥିତିରେ ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ଖାଦ୍ୟ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ପୋରାଇନୀ ଗ୍ରୁପ୍ ପକ୍ଷରୁ ଏହି ମାନବିକ ପଦକ୍ଷେପ ନିଆଯାଇଥିଲା । ଗ୍ରୁପ୍ ?ର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଗ୍ରାମରେ ପହଂଚି ପ୍ରଭାବିତ ପରିବାରମାନଙ୍କୁ ଖାଦ୍ୟ ପ୍ୟାକେଟ୍ ବ[ନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଡା. ଶ୍ରୀମତୀ, ସାରଥୀ ମୁର୍ମୁ, ଶକୁନ୍ତଳା ମାଝୀ, ଲକ୍ଷ୍ମିପ୍ରୀୟା ସୋରେନ୍, ଦୁର୍ଗୀ ସୋରେନ୍, ବୁଦୁନି ସୋରେନ୍, ଆରତୀ ମାରାଣ୍ଡି, ଅମ୍ବିକା ବେଶ୍ରା, ଜ୍ୟୋତିରାଣୀ ହେମ୍ବ୍ରମ, ସମ୍ଭାରି ମାରାଣ୍ଡି ଏବଂ ସଲମା ହାଁସଦା ଉପସ୍ଥିତ ରହି ଖାଦ୍ୟ ବ[ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଏହି ଅବସରରେ ପୋରାଇନୀ ଗ୍ରୁପ୍‌ର ସଦସ୍ୟମାନେ କହିଥିଲେ ଯେ, ବିପଦ ସମୟରେ ଅସହାୟ ଓ ପ୍ରଭାବିତ ପରିବାରଙ୍କ ପାଖରେ ଠିଆ ହେବା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ ଦାୟିତ୍ୱ । ଆଗାମୀ ଦିନରେ ମଧ ଆବଶ୍ୟକତା ଅନୁଯାୟୀ ପ୍ରଭାବିତ ଓ ଅସହାୟ ପରିବାରମାନଙ୍କୁ ସହଯୋଗ ଜାରି ରଖିବାକୁ ଗ୍ରୁପ୍ ପକ୍ଷରୁ କୁହାଯାଇଛି । ପୋରାଇନୀ ଗ୍ରୁପ୍‌ର ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦା ଓ ହିତାଧିକାରୀମାନେ ପ୍ରଶଂସା କରିବା ସହ ଗ୍ରୁପ୍‌ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଅଗଷ୍ଟ କ୍ରାନ୍ତି ଦିବସ ପାଳିଲା ଓୟୁଜେ

ବାଲେଶ୍ୱର(ନି.ପ୍ର.) ଅଗଷ୍ଟ କ୍ରାନ୍ତି ଏକ ଆନ୍ଦୋଳନ ନଥିଲା ଏହା ଦେଶବାସୀ ଙ୍କ ପାଇଁ ସଂକଳ୍ପ ଥିବା ବେଳେ ଇଂରେଜ ସରକାରଙ୍କ ପାଇଁ ଥିଲା ଚରମ ଓ ଶେଷ ଚେତାବନୀ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଇଂଚୁଡି ଲବଣ ସତ୍ୟାଗ୍ରହ ସ୍ମୃତି ପୀଠ ଠାରେ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଲେ ଯେ, ୮୩ବର୍ଷ ତଳେ ସେଦିନର ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମକୁ ଆଗାମୀ ଯୁବପିଢୀ ନିକଟରେ ପହଂଚାଇବା ପାଇଁ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ଉଦ୍ୟମ ବାସ୍ତବିକ ସ୍ୱାଗତ ଯୋଗ୍ୟ । ସାମ୍ବାଦିକ ମାନେ ସମାଜର ପରିବର୍ତନ ର କର୍ଣ୍ଣାଧର ସହ ଆଗାମୀ ଯୁବପିଢ଼ି ଙ୍କ ପାଇଁ ପଥ ପ୍ରଦର୍ଶକ । ଅଗଷ୍ଟ କ୍ରାନ୍ତି ଦିବସ ରେ ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ ଆନ୍ଦୋଳନ ଡାକରା କର ବା ମର



ଭାରତ ବାସୀ ଙ୍କ ମଧ୍ୟରେ ଉନ୍ମାଦନା ଖେଳାଇଦେଇଥିଲା ବୋଲି ଶ୍ରୀ ପ୍ରଧାନ କହିଥିଲେ । ଏହି ଆନ୍ଦୋଳନ ରେ ଅଗଣିତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଇଂରେଜ ସରକାର ଜେଲରେ ବନ୍ଦୀ କରି ରଖିବା ସହ ଅତି ନିଷ୍ଠୁର ଭାବେ ଗୁଳି କରି ମାରି ଦେଇଥିଲେ ।ସେ ଦିନ ର ଆନ୍ଦୋଳନ ଫଳରେ ଆମେ ଆଜି ସ୍ୱାଧୀନତା ପାଇଛୁ ବୋଲି ଶ୍ରୀ ପ୍ରଧାନ କହିଥିଲେ ।ଓଡ଼ିଶା ସାମ୍ବାଦିକ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରଯାଇଥିବା ଏହି କାର୍ଯ୍ୟକ୍ରମ ରେ ଲବଣ ସତ୍ୟାଗ୍ରହ ସ୍ମୃତି କମିଟିର ସଭାପତି ସର୍ବେଶ୍ୱର ଦାସ, ପ୍ରଫେସର ଶତୃଘ୍ନ ମଲ୍ଲିକ, ଜାତୀୟ କାର୍ଯ୍ୟ କାରିଣୀ ସଦସ୍ୟ ରାମ ନାରାୟଣ ଶତପଥି, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଅନାମ ଚରଣ ପଣ୍ଡା, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ ବରିଷ୍ଠ ସଦସ୍ୟ ମଧୁସୂଦନ ଦାସ,ନନ୍ଦ କିଶୋର ସାହୁ,ରବିରଞ୍ଜନ ତ୍ରିପାଠୀ, ରାଜଶ୍ରୀ ପାଣିଗ୍ରାହୀ, ସୁଶାନ୍ତ କୁମାର ଦାସ, ରମାକାନ୍ତ ପଣ୍ଡା ଅରୂପ କୁମାର ଦାସ, ଜୟଦେବ ଆଚାର୍ଯ୍ୟ,ସୁଶାନ୍ତ କୁମାର ବେହେରା, ସଞ୍ଜୟ କୁମାର ବେହେରା, ବ୍ରହ୍ମାନନ୍ଦ ବିନ୍ଧାଣୀ, କହ୍ନେଇ ଚରଣ ପ୍ରଧାନ ଙ୍କ ସମେତ ଲବଣ ସତ୍ୟାଗ୍ରହ ନୋଡାଲ ବିଦ୍ୟାପୀଠ ର ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନେ ଅଗଷ୍ଟ କ୍ରାନ୍ତି ଦିବସ ର ସ୍ମୃତି ଚାରଣ କରିଥଲେ ।

# ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ

ବାଲେଶ୍ୱର, (ନି.ପ୍ର.): ରକ୍ତଦାନ କରି ଅନ୍ୟଜଣକ ଜୀବନ ରକ୍ଷା କରିବାଭଳି ମହତ କାର୍ଯ୍ୟର ପୁଣ୍ୟ କେବଳ ରକ୍ତଦାତାମାନଙ୍କୁ ହିଁ ମିଳିଥାଏ । 'ଭେନ୍ୟା ପାରାଡାଇଜ୍' ସଭାଗୃହରେ ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସଂଘର ସଭାପତି କମଳ ଚକ୍ରବର୍ତୀ ଅଧ୍ୟକ୍ଷତା କରିଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରି ସମଗ୍ର ରାଜ୍ୟରେ ବାଲେଶ୍ୱର ଜିଲ୍ଲା ରକ୍ତଦାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ବୋଲି ସେମାନେ ମତ ଦେଇଥିଲେ । ଇଂ. ଡ. ହୃଷିକେଶ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଗତ ୨୦୨୫ ମସିହାରେ ବାଲେଶ୍ୱର ରକ୍ତ କେନ୍ଦ୍ର ଜରିଆରେ ୪୬୫ଟି ରକ୍ତଦାନ ଶିବିର ଜରିଆରେ ମୋଟ




୨୭,୬୭୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ପାରିଥିଲା । ସେହିପରି ନୀଳଗିରି ରକ୍ତ କେନ୍ଦ୍ର ଜରିଆରେ ୪୫ଟି ଶିବିରରୁ ଦୁଇହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ରକ୍ତଦାନ ଶିବିର ଆୟୋଜକ ଓ ରକ୍ତଦାତାମାନଙ୍କୁ ସମ୍ମିଳନୀ ଅବସରରେ ଶ୍ରୀ ସାହୁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ । ସଂଘର ବାର୍ଷିକ ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଗତ ୨୦୧୨ ମସିହାରୁ ରକ୍ତଦାତା ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ ସହ ବିଶ୍ୱ ରକ୍ତଦାତା ଦିବସ ଓ ଜାତୀୟ ରକ୍ତଦାନ ଦିବସ ପାଳନ ହୋଇଆସୁଛି । ପ୍ରତି ପରିବାରୁ ସର୍ବନିମ୍ନ ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ସୃଷ୍ଟି କରିବା ହିଁ ଜିଲ୍ଲା ରକ୍ତଦାତା ସଂଘର ଉଦ୍ଦେଶ୍ୟ ବୋଲି ଶ୍ରୀ ସାହୁ କହିଥିଲେ । ରକ୍ତଦାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଅତିଥି ଓ ବକ୍ତାଭାବେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ସଦର ବିଧାୟକ ମାନସ କୁମାର ଦ□ ଓ ଜିଲ୍ଲା ରକ୍ତ କେନ୍ଦ୍ର ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ରକ୍ତଦାତା ସଂଘର କାର୍ଯ୍ୟଧାରାକୁ ଉଚ୍ଚପ୍ରଶଂସା କରିଥିଲେ । ରାଜେଶ ଗିରି ଅତିଥିମାନଙ୍କୁ ମ□ ଆହ୍ୱାନ କରିଥିବାବେଳେ ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପୁରସ୍କାର ପ୍ରଦାନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ମନୋରଂଜନ ଦାସ ସଂଯୋଜନା କରିଥିଲେ । ଦେବାଶିଷ ପାଣି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମ ସୁନ୍ଦର ଜେନା, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମୀଧର ବାରିକ, ସୁବ୍ରତ କୁମାର ରଣା, ଆଶ୍ରିତା ତରେଇ, ସୁମନ୍ତ କୁମାର ଜେନା, ରବୀନ୍ଦ୍ର ନାଥ ଗିରି, ଯଶୋଦା ନନ୍ଦନ ଆଶ, ମୁକ୍ତାର ଅହମ୍ମଦ, ଜିତେନ୍ଦ୍ର କୁମାର ଦାଶ, ସିମନ ଦାସ ମହାପାତ୍ର, ଦିଲ୍ଲୀପ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।



ଶ୍ରାବଣ ମାସର ଶେଷ ସୋମବାର ପାଇଁ ବାଲିଘାଟ ଠାରେ କାଉଡ଼ିଆଙ୍କର ଭିଡ଼ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଶେଷ ଦିବସରେ ବିଭିନ୍ନ ଅଂଚଳରୁ ବାଲିଘାଟ ନଦୀରେ ବୁଡ଼ ପକାଇ ଜଳ ନେଇ ବିଭିନ୍ନ ଶୈବପୀଠକୁ ଜଳାଭିଷେକ ନିମନ୍ତେ ଯାତ୍ରା କରୁଛନ୍ତି ।(ଫଟୋ-ଦେବବ୍ରତ)

# ଯୁବ କଂଗ୍ରେସ ପକ୍ଷରୁ ପାଳିତ ହେଲା କ୍ରାନ୍ତି ଦିବସ

ବାଲେଶ୍ୱର(ନି.ପ୍ର.)ରବିବାର ବାଲେଶ୍ୱର ଜ୍ହିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ଓ କ୍ରାନ୍ତି ଦିବସ ଯୁବ କଂଗ୍ରେସ ସଭାପତି ଙ୍କ ନତୃତ୍ୱ ରେ ହଇଯାଇଛି ଏହି କାର୍ଯ୍ୟକ୍ରମ ରେ ଯୁବ କଂଗ୍ରେସ ପତାକା ଉତଳନ ସହିତ ଜାତିର ପିତା ମହାତ୍ମାଗାନ୍ଧୀ ଙ୍କ ଫୋଟ ଚିତ୍ର ରେ ପୁଷ୍ପ ମାଲ୍ୟା ଅର୍ପଣ କରାଯାଇଅଛି ଓ ସ୍ଥାନୀୟ ମୋତିଗଜ ବଣିଆ ମନ୍ଦିର ସ୍ଥିତ ଦୃଷ୍ଟିହୀ ବିଦ୍ୟାଳୟ ରେ ପିଲାଙ୍କୁ ଖାଦ୍ୟ ବ[ନ କରିଥିଲୁ ଏହି କାର୍ଯ୍ୟକ୍ରମ ରେ ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା , ଟାଉନ ସଭାପତି ଅନୁପ ସ୍ୱାଇଁ, ଜ୍ହିଲ୍ଲା କଂଗ୍ରେସ ଉପସଭାପତି କୃଷ୍ଣ ଗୋପାଳ ପଣ୍ଡା,ସମ୍ପାଦକ କେଶବ ନାୟକ, ସଦର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ଜୀବନ ମହାପାତ୍ର, ଗୁଡୁ ମହାନ୍ତି, ଜୟଦୀପ ଶା, ସନ୍ତୋଷ ମାରାଣ୍ଡି,ସଂଜୀବ ଦଳାଇ, ତେଜସ୍ୱନି ଦାସ, ଅମିତ କୁମାର ନାୟକ, ବିକି ରାଉତ,ପ୍ରମୁଖ କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।



# ବାଘାଯତୀନ ସ୍ମୃତି ଦିବସ ପାଇଁ ଉନ୍ନୟନ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ



ବାଲେଶ୍ୱର(ନି.ପ୍ର.) ଆସନ୍ତା ସେପ୍ଟେମ୍ବର ୧୦ ବାଲେଶ୍ୱର ସଦର ମହକୁମା ସ୍ଥିତ ବାରବାଟୀ ବାଳିକା ହାଇସ୍କୁଲ ପରିସରରେ ବିପ୍ଲବୀ ବାଘାଯତୀନଙ୍କ ସ୍ମୃତି ଦିବସ ପାଳନ ପାଇଁ ବାଲେଶ୍ୱର ବାଘାଯତୀନ ଉନ୍ନୟନ କମିଟି ପକ୍ଷରୁ ୯ ତାରିଖ୍ ଅପରାହ୍ନରେ ନୃତ୍ୟ ସଂଗୀତ କଳାମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ କମିଟି କାର୍ଯ୍ୟକାରୀ ସଭାପତି ସୁଜିତ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ପ୍ରସ୍ତୁତି ବୈଠକରେ ୨୦୨୬ ବର୍ଷର ଆୟବ୍ୟୟ ସୁଦୂର ପଶ୍ଚିମବଙ୍ଗରୁ ଆସୁଥିବା ରକ୍ତତୀର୍ଥ ଯାତ୍ରୀଙ୍କ ରକ୍ଷଣାବେକ୍ଷଣ, ବିବିଧ କାର୍ଯ୍ୟକ୍ରମ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା କରାଯିବା ସହ ଚଳିତ ବର୍ଷ ଏହି ଉତ୍ସବକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯିବା ପାଇଁ ଯୋଗ ଦେଇଥିବା କମିଟିର ସଦସ୍ୟ ସଦସ୍ୟାମାନେ ସୂଚନା ଦେଇଥିଲେ । କମିଟିର ସାଧାରଣ ସମ୍ପାଦକ ହରେନ ଚନ୍ଦ୍ର ରଣାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ କେଉଁଦିନ ପ୍ରସ୍ତୁତି ବୈଠକ ଚୂଡ଼ାନ୍ତ ନିଷ୍ପତି ନିଆଯିବ ସେ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରାଯିବା ବୋଲି ସୂଚନା ମିଳିଛି । ସେହିପରି ବାଘାଯତୀନ ବିକାଶ ପରିଷଦ ପକ୍ଷରୁ ଦେଶୁଆଁ ପୋଖରୀଆଡ଼ିରେ ଆସନ୍ତା ୯ ଓ ୧୦ ତାରିଖ ଦୁଇଦିନ ଧରି ଉତ୍ସବ ପାଳନ ହେବ ବୋଲି ଜଣାପଡ଼ିଛି ।



# ମୟୂର ସାହିତ୍ୟ ସଂସଦର ୩୧ତମ ବାର୍ଷିକ ସାରସ୍ୱତ ସମାରୋହ ପାଳିତ

ବୈଶିଙ୍ଗା (ନି.ପ୍ର.) ଉତର ଓଡ଼ିଶାର ସ୍ୱନାମଧନ୍ୟ ସାରସ୍ୱତ ଅନୁଷ୍ଠାନ ମୟୂର ସାହିତ୍ୟ ସଂସଦ, ବେତନଟୀର ୩୧ତମ ବାର୍ଷିକ ସାରସ୍ୱତ ସମାରୋହ ସ୍ଥାନୀୟ ଏମ୍. ପି. ସି. ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଦୁଇଟି ପର୍ଯ୍ୟାୟରେ ସଂପାଦିତ ଏହି କାର୍ଯ୍ୟକ୍ରମକୁ ଏମ୍.ପି.ସି. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ କୁମାର ସିଂ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍ ?ଘାଟନ କରିଥିଲେ । କବୟିତ୍ରୀ ଡ. ମନ୍ଦାକିନୀ ସାହୁ ଏହି ଅବସରରେ ବେଦପାଠ କରିଥିଲେ । ସ୍ଥାନୀୟ ବିବେକାନନ ଶିକ୍ଷା କେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତର ଗାନ ସହିତ ପ୍ରଥମ ଅଧିବେଶନ କବିମାନଙ୍କର ସ୍ୱରଚିତ କବିତା ପାଠ ଆରମ୍ଭ ହୋଇଥିଲା । ମଂଚ ଆହ୍ୱାନ କରିଥିଲେ କବୟିତ୍ରୀ ସୌଦାମିନୀ ପଣ୍ଡା ଏବଂ ଅଧ୍ୟକ୍ଷତା କରିଥିଲେ ସଂସଦର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି । ବିଭିନ୍ନ ଅଂଚଳରୁ ଆସିଥିବା କବି କବୟିତ୍ରୀ ଗଣ ସ୍ୱରଚିତ କବିତା ପାଠ କରିଥିଲେ । କବିତା ଗୁଡିକର ସଂଯୋଜନା କରିଥିଲେ କବୟିତ୍ରୀ ସବିତା ମହାନ୍ତି ଓ କବି ତାନଶ୍ରୀ ପାଣିଗ୍ରାହୀ । ଏହି ପର୍ଯ୍ୟାୟରେ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ ସୁନାଚାନ୍ଦ ର ସଂପାଦକ ଡ. କୁମାର ବାବୁଲି , ବଣମଲ୍ଲୀର ସଂପାଦକ ପ୍ରଭାତ କୁମାର ଆଚାର୍ଯ୍ୟ, ତତ୍ତ୍ୱମସିର ସମ୍ପାଦକ ରାଜେନ୍ଦ୍ର ସାମଲ, ସମୟର ଚକ୍ରର ସଂପାଦକ ସର୍ବେଶ୍ୱର ଜେନା, ଶିକ୍ଷାବିତ୍ ସରୋଜ କୁମାର ଓଝା, ମୟୂର ସାହିତ୍ୟ ସଂସଦର ପୂର୍ବତନ ସଂପାଦକ ଯତୀନ୍ଦ୍ରନାଥ ସାହୁ । ପ୍ରଥମ ପର୍ଯ୍ୟାୟରେ ଅତିଥି ଓ କବିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କବୟିତ୍ରୀ ମିନତି ସିଂହ । ୨ୟ ପର୍ଯ୍ୟାୟରେ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ ସଂସଦର ଯୁଗ୍ମ ସଂପାଦକ କବି ରତିକାନ୍ତ ବେହେରା । ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷିତ ହୋଇଥିଲା । ଉକ୍ତ ଅଧିବେଶନରେ ସଂସଦର ସଭାପତି ବିପ୍ଳବୀ କବି ଭାସ୍କର ଦ୍ୱିବେଦୀ ଅଧକ୍ଷତା କରି ପ୍ରାରମ୍ଭରେ ସଂସଦର ଗୌରବମୟ କାର୍ଯ୍ୟକାରିତା ସଂପର୍କରେ ସୂଚନା ପ୍ରଦାନ କରିଥିଲାବେଳେ ସଂସଦର ସାଧାରଣ ସମ୍ପାଦକ ନୀରଦ ସୁନ୍ଦର ଜେନା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଗବେଷକ ଭୂମିପୁତ୍ର ଡ. ମୋହିତ କୁମାର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଡଃ. ରମାକାନ୍ତ ସିଂହ ଓ ସମ୍ମାନିତ ବକ୍ତା ଭାବରେ ବି.ବି.ମହାବିଦ୍ୟାଳୟର ଓଡ଼ିଆ ଭାଷା ବିଭାଗର ଅଧ୍ୟାପିକା ଜୟଶ୍ରୀ ଦାଶ ଯୋଗଦାନ କରି ସାହିତ୍ୟ ସୃଷ୍ଟି ବୟସ କି ସମୟର ଅପେକ୍ଷା କରେ ନାହିଁ ଏବଂ ସାହିତ୍ୟ ବାସ୍ତବର କଥା କରେ ବୋଲି ଅଭିମତ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଂସଦର ବାର୍ଷିକ ମୁଖପତ୍ର 'ବନମୟୂରୀ' ଲୋକାର୍ପିତ ହେବା ସହିତ ଯୁବ କବି ପ୍ରିୟନାଥ ପାଣିଙ୍କର କବିତା ସଂକଳନ 'ନିଜଠୁ ନିଜର' ଏବଂ କବି ପ୍ରଭାକର ସାହୁଙ୍କ କବିତା ସଂକଳନ 'ବଣମଲ୍ଲୀ' ଉନ୍ମୋଚିତ ହୋଇଥିଲା । ବନମୟୂରୀର ମୁଖ୍ୟ ସଂପାଦକ ପର୍ଶୁରାମ ସାହୁ ପତ୍ରିକା ସଂପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲା ବେଳେ କବି ପ୍ରିୟନାଥ ପାଣି ଓ କବି ପ୍ରଭାକର ସାହୁ ନିଜ ନିଜ ପୁସ୍ତକର ଆଭିମୁଖ୍ୟ ପ୍ରକାଶ କରିଥିଲେ । ଏ ବର୍ଷ ସଂସଦ ଲତାସା ଖୁରାନାଙ୍କୁ ବନମୟୂରୀ ସମ୍ମାନ , ନିମାଇଁ ଚରଣ ବେହେରାଙ୍କୁ ମୟୂର ସାରସ୍ୱତ ସମ୍ମାନ, ସବିତା ମହାନ୍ତିଙ୍କୁ ମୟୂର ନାରୀଶ୍ରୀ ସମ୍ମାନ, ତାନଶ୍ରୀ ପାଣିଗ୍ରାହୀଙ୍କୁ ମୟୂର କବିଶ୍ରୀ ସମ୍ମାନ ଓ ଭାସ୍ୱତୀ ପଣ୍ଡାଙ୍କୁ ରାଧାନାଥ ଖଟୁଆ ସ୍ମୃତି ମୟୂର ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ କବି ଗୌତମ ଚନ୍ଦ୍ର ବେହେରା, ସହଦେବ ଗିରି, ରବୀନ୍ଦ୍ରନାଥ ଖଟୁଆ, ମୀନକେତନ ମହାନ୍ତି, ଉଷା ଶତପଥି , କମଳଲୋଚନ କର, ହରେନ୍ଦ୍ର ବାରିକ୍ ପ୍ରମୁଖ ବିଶେଷ ସହଯୋଗ କରିଥିଲେ । ଶେଷରେ ସଂସଦର ନିମନ୍ତ୍ରିତ ସଦସ୍ୟ ଅରୁଣକୁମାର ଓତା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିର ତୁକଲା ଠାରେ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ନୂଆପଡ଼ା, (ନି.ପ୍ର) ରଅବିବାର ଦିନ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଖଡ଼ିଆଳ ସଙ୍କୁଳ ର ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି କ୍ଷ ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରଶ୍ନମଂଚ, ଗଣିତ ପ୍ରଶ୍ନମଂଚ ସଂସ୍କୃତି ପ୍ରଶ୍ନମଂଚ , ଗଣିତ ପ୍ରୟୋଗ , ବିଜ୍ଞାନ ପ୍ରୟୋଗ , ବିଜ୍ଞାନ ପ୍ରକଳ୍ପ , ମୂର୍ତି କଳା, କଥା କଥନ, ପତ୍ରବାଚନ, ନିବନ୍ଧ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ମୋଟ ୨୪୦ ଜଣ ଶିଶୁ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମ ଟିକୁ ନୂଆପଡ଼ା ଜିଲ୍ଲା ପ୍ରମୁଖ ଧ୍ରୁବଚରଣ ପାତ୍ର ଓ ଖଡ଼ିଆଳ ସଙ୍କୁଳ ପ୍ରମୁଖ ହୃଷିକେଶ ଦଣ୍ଡସେନା ମହୋଦୟ ଦ୍ୱୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ କୋମନା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟକ୍ଷ ମିନତୀ ବାରିକ ମଂଚ ପରିଚାଳନା କରିଥିବା ବେଳେ ତୁକଲା ଶିଶୁ ମନ୍ଦିରର ବରିଷ୍ଠ ଗୁରୁଜୀ ହେରାମ୍ବ ମେହେର ଅତିଥି



ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ସଙ୍କୁଳ ସଂଯୋଜକ ଜଗଦିଶ ପୁଟେଲ ସ୍ଥାନୀୟ ପରିଚାଳନା କମିଟି ସଭାପତି ବେଣୁପାଣି ବେହେରା ସଦସ୍ୟା ରାଜଲକ୍ଷ୍ମୀ ଆଚାରୀ ଓ ତାରାମଣି ମେହେର ,ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅମର ସିଂହ ବାରିକ,ବିଚାରକ ମଣ୍ଡଳୀ ଉପସ୍ଥିତ ରହି ଆଧୁନିକ ଯୁଗରେ ବିଜ୍ଞାନର ଅବଦାନ ଓ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଭୁଲିଆ ସିକୁଆଁ , କର୍ଲାକୋଟ , ବୋଡ଼େନ, ଡୁଆଝର ,କୋମନା ,ବୁଦ୍ଧି କୋମନା , କୁରେଶ୍ୱର୍, ଗୋଇମୁଣ୍ଡି ଚଲାନପଡା, ଖଡ଼ିଆଳ ଓ ତୁକଲା ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଆଚାର୍ଯ୍ୟକ୍ଷ ଦାୟିତ୍ୱରେ ଆସିଥିବା ପରିଚାଳକ ଗୁରୁଜୀ ଦାୟିତ୍ୱରେ ଆସିଥିବା ଗୁରୁଜୀ ଗୁରୁମା ଓ ପ୍ରତିଭାଗି ଭାଇ ଭଉଣୀ ଶୁଭେଚ୍ଛୁ ମୋଟ ୫୦୦ ଜଣ ଉପସ୍ଥିତ ଥିଲେ କ୍ଷ ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା ଶୁଭେଚ୍ଛୁ ଉପସ୍ଥିତ ରହି ସହଯୋଗ କରିଥିଲେ କ୍ଷଉକ୍ତ ଦିନ ଅପରାହ୍ନ ୩ଟା ସମୟରେ ସମାରୋପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଉକ୍ତ କାର୍ଯ୍ୟକ୍ରମରେ ସମ୍ବାଗ୍ ସମ୍ପାଦକ ରୁଦ୍ରମାଧବ ବାରିକ, ଧ୍ରୁବଚରଣ ପାତ୍ର , ହୃଷିକେଶ ଦଣ୍ଡସେନା, ଜଗଦିଶ ପୁଟେଲ୍ ମହୋଦୟ ଉପସ୍ଥିତ ରହି କୃତି ଶିଶୁ ଭାଇ ଭଉଣୀଙ୍କୁ ପୁରସ୍କୃତ କରିଥିଲେ ।

# ନିର୍ଦ୍ଧାରିତ ମୂଲ୍ୟରେ ସାର ବିକ୍ରୟ ଉପରେ ଗଞ୍ଜାମ ଜିଲ୍ଲା ପ୍ରଶାସନର ଗୁରୁତ୍ୱ ଅଧିକ ଦାମରେ ସାର ବିକ୍ରି ହେଲେ ଅଭିଯୋଗ କରିବାକୁ ଚାଷୀଙ୍କୁ ପରାମର୍ଶ

ଛତ୍ରପୁର,(ନି.ପ୍ର.): ଚାଷୀମାନଙ୍କୁ ନିର୍ଦ୍ଧାରିତ ଓ ଉଚିତ ମୂଲ୍ୟରେ ସାର ଯୋଗାଣ ସୁନିଶ୍ଚିତ କରିବା ସହ ସାର ବିକ୍ରୟରେ ସ୍ୱଚ୍ଛତା ଓ ନିୟମିତତା ବଜାୟ ରଖିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ସାରର ନିର୍ଦ୍ଧାରିତ ମୂଲ୍ୟ ସମ୍ପର୍କରେ ସୂଚନା ପ୍ରକାଶ କରାଯାଇଛି । ଚାଷୀମାନେ ସାର କିଣିବା ସମୟରେ ନିର୍ଦ୍ଧାରିତ ମୂଲ୍ୟ ଯାଂଚ କରିବା ସହ ବିକ୍ରୟ ରସିଦ ନିଶ୍ଚିତ ଭାବେ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।ପ୍ରକାଶିତ ତାଲିକା ଅନୁଯାୟୀ, ୟୁରିଆ ସାରର ନିର୍ଦ୍ଧାରିତ ମୂଲ୍ୟ ପ୍ରତି ବସ୍ତା ୨୬୬ ଟଙ୍କା ୫୦ ପଇସା ରହିଛି । ଡିଏପି ସାରର ମୂଲ୍ୟ ୧,୩୫୦ ଟଙ୍କା ଏବଂ ଏମ୍ଓପି ସାରର ପୁରୁଣା ଓ ନୂତନ ମୂଲ୍ୟ ଯଥାକ୍ରମେ ୧,୯୭୫ ଟଙ୍କା ଓ ୨,୨୦୦ ଟଙ୍କା ରହିଛି ।ସେହିପରି ୨୦-୨୦-୦-୧୩ (ଏନ୍ପିକେ) ସାରର ଇଫକୋ ମୂଲ୍ୟ ୧,୪୫୦ ଟଙ୍କା ଏବଂ ପିପିଏଲ୍ ମୂଲ୍ୟ ୨,୧୦୦ ଟଙ୍କା ରହିଛି । ୧୬-୧୬-୧୬ (ଏନ୍ପିକେ) ସାରର ମୂଲ୍ୟ ୨,୦୫୦ ଟଙ୍କା ରହିଥିବା ବେଳେ ଏସ୍ଏସ୍ପି (ଦାନାଦାର)ର ମୂଲ୍ୟ ୮୦୦ ଟଙ୍କା ଏବଂ ଏସ୍ ?ଏସ୍ ?ପି (ଗୁଣ୍ଡ)ର ମୂଲ୍ୟ ୭୭୫ ଟଙ୍କା ରହିଛି ।ଏହା ବ୍ୟତୀତ ଆମୋନିୟମ୍ ସଲ୍ଫେଟ୍ର ପିପିଏଲ୍ ମୂଲ୍ୟ ୧,୪୦୦ ଟଙ୍କା ଏବଂ ଏଚ୍ ?ୟୁଆ ?ଏଲ୍ ? ମୂଲ୍ୟ ୧,୬୫୦ ଟଙ୍କା ରହିଛି । ୨୮-୨୮-୦ (ଏନ୍ ?ପିକେ) ସାରର ଇଫକୋ ନିର୍ଦ୍ଧାରିତ ମୂଲ୍ୟ ପ୍ରତି ବସ୍ତା ୧,୭୫୦ ଟଙ୍କା ରହିଛି । ତାଲିକାରେ ଉଲ୍ଲେଖିତ ଏହି ମୂଲ୍ୟଗୁଡ଼ିକ ୮ ଅଗଷ୍ଟ ୨୦୨୫ ଠାରୁ ପ୍ରଚଳିତ ଥିବା ସୂଚନା ଦିଆଯାଇଛି ।ଚାଷୀମାନେ ସାର କ୍ରୟ ସମୟରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଅର୍ଥ ପ୍ରଦାନ ନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି । କୌଣସି ବିକ୍ରେତା ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦାମରେ ସାର ବିକ୍ରୟ କରୁଥିଲେ, ସାର ଯୋଗାଣରେ ଅନିୟମିତତା କରୁଥିଲେ କିମ୍ବା ସାର କ୍ରୟ ସମୟରେ ଚାଷୀଙ୍କୁ କୌଣସି ପ୍ରକାର ଅସୁବିଧାରେ ପକାଉଥିଲେ, ତେବେ ଚାଷୀମାନେ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଜଣାଇପାରିବେ ।ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ହେଲ୍ପଲାଇନ୍ ? ନମ୍ବର ୦୬୮୦-୨୨୩୩୨୬୨ ଜାରି କରାଯାଇଛି । ଏହି ନମ୍ବରରେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଅଭିଯୋଗ ଜଣାଇପାରିବେ । ସେହିପରି ୨୪ ଘ[ଆ ଅଭିଯୋଗ ପାଇଁ ହ୍ୱାଟ୍ସଆପ୍ ନମ୍ବର ୭୭୮୯୦୩୨୬୨୦ରେ ଅଭିଯୋଗ ଜଣାଇବାକୁ ଚାଷୀମାନଙ୍କୁ କୁହାଯାଇଛି । ସାର ବିକ୍ରୟ ସମୟରେ ବ୍ୟବସାୟୀମାନେ ଆଇଏଫ୍ଏମ୍ଏସ୍ ବିଲ୍ ? ମାଧ୍ୟମରେ ନିର୍ଦ୍ଧାରିତ ଦରରେ ସାର ବିକ୍ରୟ କରିବାକୁ ନିର୍ଦ୍ଦେଶ ରହିଛି । ଚାଷୀମାନେ ସାର କ୍ରୟ ସମୟରେ ନିର୍ଦ୍ଧାରିତ ଦର ଯାଂଚ କରିବା ସହ ବିକ୍ରୟ ରସିଦ ନେବାକୁ ଏବଂ କୌଣସି ପ୍ରକାର ଅନିୟମିତତା ନଜରକୁ ଆସିଲେ ତୁରନ୍ତ ଅଭିଯୋଗ ଜଣାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଚାଷୀଙ୍କ ହିତ ସୁରକ୍ଷା, ସାରର କଳାବଜାରୀ ଓ ବେଆଇନ ମୂଲ୍ୟବୃଦ୍ଧି ରୋକିବା ଏବଂ ଚାଷୀମାନଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ସାର ଉପଲବ୍ଧ କରାଇବା ପାଇଁ ଜିଲ୍ଲା ପ୍ରଶାସନର ନିରୀକ୍ଷଣ ଓ ଆବଶ୍ୟକ ପଦକ୍ଷେପ ଜାରି ରହିବ ।

# ସୋର ନାଗରିକ ମଂଚର ସାଧାରଣ ପରିଷଦ ବୈଠକ

ସୋର, (ନି.ପ୍ର.)ଚଳିତ ବର୍ଷ ଭାରତୀୟ ପାଣିପାଗ ବିଭାଗ ଆଗୁଆ ସଚେତନତା ସତ୍ତ୍ୱେ, ସୋରର ପ୍ରଶାସନିକ ଅବହେଳା ଏବଂ ଦୂରଦୃଷ୍ଟି ଅଭାବରୁ,ଜାତୀୟ ରାଜପଥର ପଶ୍ଚିମ ପଟ ସୋର କଲେଜ ଛକ ଠାରୁ ପାଇକାଳୀ ପର୍ଯ୍ୟନ୍ତ ତଥା ଆଖପାଖ ନଦୀ କୂଳ ଅଂଚଳର ବହୁ ଜନ ବସତି, ଚାଷ ଜମି ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରେ ବନ୍ୟାଜଳ ପ୍ରବେଶ କରିବାଫଳରେ ଲୋକମାନେ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ନାଗରିକ ମଂଚ କ୍ରମାଗତ ଭାବେ ଏହାର ନିରାକରଣ ପାଇଁ ଦାବି କରି ଆସୁଥିବା ବେଳେ, ପ୍ରଶାସନ କେବଳ ତରବରିଆ ଭାବେ ନାଳ ସଫା ନାଁରେ ନିଜକୁ ଦାୟିତ୍ୱ ମୁକ୍ତ କରି ବର୍ଷ ତମାମ ନିଶ୍ଚିନ୍ତରେ ରହୁଛନ୍ତି ବୋଲି ମଂଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ମାନେ ପ୍ରଶାସନର ଅପାର ଗତାକୁ କଡ଼ାନିନ୍ଦା କରିଛନ୍ତି । ତୁରନ୍ତ ବର୍ଷାଜଳ ନିଷ୍କାସନ ଦିଗରେ ସୋର ତହସିଲଦାର,ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ସମନ୍ୱୟ ରକ୍ଷାକରି,ଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର କରିବା ପାଇଁ ନାଗରିକ ମଂଚ ଦାବି କରିଛି । ଏହି ବୈଠକରେ ସହ ସମ୍ପାଦକ ପ୍ରଦୀପ କୁମାର ଦାସ ଗତ ବୈଠକର ବିବରଣୀ ଉପସ୍ଥାପନ କରିଥିବା ବେଳେ, ନବକିଶୋର ଦାସ, ମାୟାଧର ନାୟକ, ଦାମୋଦର ଦାଶ ମହାପତ୍ର,କମଳାକାନ୍ତ ତିଆଡ଼ି,ମନୋଜ କୁମାର ରାୟ, ଇଂ ଦିବାକର ଦଳାଇ,ଜିତେନ୍ଦ୍ର କୁମାର ବେହେରା,ଅଶୋକ ମହାନ୍ତି, ଶରତ ଚନ୍ଦ୍ର ମହାନ୍ତି । ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମଂଚର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ କର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାଲିଆପାଳରେ ଯୁବ କଂଗ୍ରେସର ୬୬ ତମ ପ୍ରତିଷ୍ଠା ଦିବସ ପାଳିତ

ବାଲିଆପାଳ,(ନି.ପ୍ର)ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ ଙ୍କ ଆହ୍ୱାନ କ୍ରମେ ରବିବାର ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ସିମୁଳିଆ ବଜାର ନିକଟସ୍ଥ ରାଜାରାଣୀ ଛକରେ ଯୁବ କଂଗ୍ରେସର ୬୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବସ୍ତା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତିର୍ଥ କୁମାର ନାଗ ଏବଂ ନିଖିରା ଗ୍ରାମ ପଂଚାୟତର ଯୁବ କଂଗ୍ରେସ ନେତା ସତ୍ୟ ରଞ୍ଜନ ଗିରି ଯୋଗ ଦେଇ ଦଳୀୟ ପତାକା ଉତୋଳନ କରିବା ସହିତ ଯୁବ କଂଗ୍ରେସର ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ । ବ୍ଲକ ଯୁବ କଂଗ୍ରେସ




ସଭାପତି ସୁବାଷ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମେରେ ଯୁବ କଂଗ୍ରେସ କର୍ମୀ ସେକ କମିରୋଦ୍ଦିନ, ଚନ୍ଦନ ରାଜ, ବିଜୟ ନାୟକ, ହୃଷୀକେଶ ପଣ୍ଡା, ପଙ୍କଜ ସାହୁ,ଦୁର୍ଯୋଧନ ପ୍ରଧାନ, ସମ୍ୟରଞ୍ଜନ ଦାଶ, ସୁଶାନ୍ତ ପାତ୍ର, ମୁନା ପରିଡ଼ା, ଅଭିମନ୍ୟୁ ଜେନା, ଗୌରାଙ୍ଗ ସାହୁ, ଅଜୟ କୁମାର ପାତ୍ର, ହରେନ୍ଦ୍ର ଦାସ, ରୂପେଶ ପ୍ରଧାନ ଙ୍କ ସହିତ ବିଭିନ୍ନ ପଂଚାୟତର ଯୁବ କଂଗ୍ରେସ ସଭାପତି, ସମ୍ପାଦକ, ଯୁବ ନେତୃମଣ୍ଡଳୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଯୁବ କଂଗ୍ରେସ ନେତୃମଣ୍ଡଳୀ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୁବ କଂଗ୍ରେସ କର୍ମୀମାନେ ରୋଗୀଙ୍କୁ ଫଳ ବ[ନ କରିଥିଲେ ।

# ଆଦର୍ଶ ଯୁବ ପରିଷଦ ପକ୍ଷରୁ ତୃତୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ସୋର,(ନି.ପ୍ର.)ସବୁଜ ସୋର, ସବୁଜ ଓଡ଼ିଶାର ବାର୍ତା ନେଇ ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ତୃତୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋର ବ୍ଲକ ମାଣତ୍ରି ପଂଚାୟତ ବର୍ଛଗଡ଼ିଆ ନିକଟରେ ଥିବା ମଣି ନାଗେଶ୍ୱର ମହାଦେବ ମନ୍ଦିର ସହ ହନୁମାନ ମନ୍ଦିର ସନ୍ନିକଟ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଯାଇଥିଲା । ଏଥିରେ କୃଷ୍ଣ ଚୂଡ଼ା, ରାଧା ଚୂଡ଼ା,ବଉଳ, ବରକୋଳି, ପିଜୁଳି, ଜାମୁ ଓ ଧାତ୍ରୀ ଅଁଳା ଆଦି ୩୦ଟି ଚାରା ରୋପଣ କରାଯାଇଥିଲା । ଏହି ସମୟରେ ଆଦର୍ଶଯୁବ ପରିଷଦର ସଭାପତି ପୃଥିବୀ ରଞ୍ଜନ ବେହେରା, ସମ୍ପାଦକ ଅଞ୍ଜନ କୁମାର ଦାସ,ସହ ସମ୍ପାଦକ ଦେବାଶିଷ ମହାନ୍ତି,ତୁଷାର ଜେନା, ଗିରିଜା ଶଙ୍କର ପ୍ରଧାନ,କାର୍ତିକ ରାଉଳ,ପ୍ରଭାବତୀ ପ୍ରଧାନ, ନିବେଦିତା ପୋଇ,ସୁକାନ୍ତି ପ୍ରଧାନ, ରଞ୍ଜିତା ଅଗଷ୍ଟି, ଜ୍ୟୋସ୍ନାରାଣୀ ନାୟକ,ପୁନମ ସାହୁଙ୍କ ସହ ଉକ୍ତ ଗ୍ରାମର ପବିତ୍ର ପ୍ରଧାନ,ଦୀପକ ପ୍ରଧାନ, ସରୋଜ ନାୟକ, ମୀନାରାଣୀ ଜେନା ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣରେ ସହଯୋଗ କରିଥିଲେ ।

# ମନ୍ଦିରରୁ ଚୋରି ବେଳେ ଯୁବକଙ୍କୁ କାବୁ କଲେ ଗ୍ରାମବାସୀ

ସୋର,(ନି.ପ୍ର.)ମନ୍ଦିରରୁ ଚୋରି କରୁଥିବା ବେଳେ ଜଣେ ଯୁବକଙ୍କୁ ଗ୍ରାମବାସୀ ମାନେ କାବୁ କରିଥିବା ଜଣାପଡିଛି । ଆଜି ଭୋର ୪ଟାରେ ବାଳଙ୍ଗ ପଂଚାୟତ ମା ଖେରେଣେଇ ମନ୍ଦିରରେ ତିନିଜଣ ଯୁବକ ମନ୍ଦିରର ତାଲା ଭାଙ୍ଗି ମନ୍ଦିର ଭିତରକୁ ପଶିବା ସହିତ ମାଙ୍କ ବେକରେ ଥିବା ୬ଟି ସୁନା ଚିତା ଚୋରି କରିଥିଲେ । ସକାଳେ ଫୁଲ ତୋଳିବାକୁ ଉଠିଥିବା କିଛି ଗ୍ରାମବାସୀ ମନ୍ଦର ବିତରେ ସୋମନଙ୍କୁ ଦେଖି ଅନ୍ୟମାନଙ୍କୁ ଖବର ଦେବା ସହିତ ଘେରିଯାଇଥିଲେ । କୌଶଳ ବଶତଃ ୨ଜଣ ଚୋର ଖସି ଯାଇଥିବା ବେଳେ ଖେରଣା ଗ୍ରାମର ଗୌରହରି ମଳିକକୁ କାବୁ କରିଥିଲେ । ପରେ ସେ ଚୋରି କରିଥିବା ସ୍ୱୀକାର କରିବା ପରେ ତାଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଂଚି ଗ୍ରାମବାସୀଙ୍କୁ ଚୋରି ହୋଇଥିବା ସାମଗ୍ରୀ ଫେରାଇବାକୁ ପ୍ରତିଶୃତି ଦେବା ପରେ ତାଙ୍କୁ ଛଡାଯାଇଥିଲା । କିଛି ଗ୍ରାମବାସୀଙ୍କ କହିବା ଅନୁସାରେ ପୁଲିସକୁ ଖବର ଦେଲେ ସେମାନେ ଚୋରମାନଙ୍କୁ ସହଯୋଗ କରିବା ସହିତ ଆମକୁ ହଇରାଣ କରିବେ ତେଣୁ ଆମେ ପ୍ରତିଶୃତି ପାଇ ଚୋରକୁ ଛାଡିଥିବା କହିଥିଲେ ।

# କୋଠାର ଛକ ରେ ବୋଲବମ ଭକ୍ତଙ୍କ ପଦସେବା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଧାମନଗର,(ନି.ପ୍ର.) ଶ୍ରାବଣ ମାସର ଶ୍ରଦ୍ଧା ଓ ବିଶ୍ୱାସର ମାହୋଲ ଭିତରେ ଧାମନଗର ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି ଜନସେବା ଓ ସମର୍ପଣର ଏକ ଅପୂର୍ବ ନିଦର୍ଶନ । ପ୍ରସିଦ୍ଧ ଆରଡ଼ିର ପୀଠାଧୀଶ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଓ ଜଳାଭିଷେକ ପାଇଁ ଦୂରଦୂରାନ୍ତରୁ କାନ୍ଧରେ କାଉଡ଼ି ବୋହି ଚାଲିଚାଲି ଆସୁଥିବା ବୋଲବମ୍ ଭକ୍ତଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପି ଦେଇଛନ୍ତି ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ।କୋଠାର ଛକଠା ରେ ଆୟୋଜିତ ଏହି ସେବା ଶିବିରରେ ମନ୍ତ୍ରୀ ଶ୍ରୀ ସୂରଜ ନିଜେ ଭୂମିରେ ବସି କ୍ଳାନ୍ତ ଓ ଶାନ୍ତ କାଉଡ଼ିଆ ଭାଇଭଉଣୀଙ୍କୁ ଆଦରର ସହ ଚେୟାରରେ ବସାଇ ଉଷୁମ ପାଣିରେ ସେମାନଙ୍କ ପାଦ ଧୋଇ ଦେଇଥିଲେ । ଜଣେ ଜନପ୍ରତିନିଧିଙ୍କର ଏଭଳି ସାଧାରଣ, ନମ୍ର ଓ ସେବାପରାୟଣ ମନୋଭାବ ଉପସ୍ଥିତ ସମସ୍ତ ଶିବଭକ୍ତ ଓ ଜନସାଧାରଣଙ୍କ ହୃଦୟକୁ ଗଭୀର ଭାବେ ସ୍ପର୍ଶ କରିଛି । ମନ୍ତ୍ରୀଙ୍କ ଏହି ନିରାଡ଼ମ୍ବର କାର୍ଯ୍ୟ ସାଂସ୍କୃତିକ ମୂଲ୍ୟବୋଧ, ଭକ୍ତି ଓ ପ୍ରଜାସେବାର ଏକ ନୂତନ ମାପଦଣ୍ଡ ସ୍ଥାପନ କରିଛି ।ଏହି ସେବା ପବିତ୍ର ଶ୍ରାବଣ ମାସର ଭାବପୂର୍ଣ୍ଣ ମାହୋଲକୁ ଆହୁରି ମହିମାମଣ୍ଡିତ କରିବା ସହ ସାଧାରଣ ଲୋକଙ୍କ ସହ ମନ୍ତ୍ରୀଙ୍କ ଗଭୀର ଆତ୍ମୀୟତାକୁ ଆଉଥରେ ପ୍ରମାଣିତ କରିଛି । ପାଦ ଧୋଇବା ପରେ ମନ୍ତ୍ରୀଙ୍କ ସହଯୋଗୀମାନେ କାଉଡ଼ିଆମାନଙ୍କୁ ଦରଜ ନିବାରକ ସ୍ପ୍ରେ ଏବଂ ଅମୃତାଞ୍ଜନ ପାଉଡ଼ର ବା[ ସେମାନଙ୍କ ଶାରୀରିକ କଷ୍ଟ ଦୂର କରିବାକୁ ଚେଷ୍ଟା କରିଥିଲେ । ମନ୍ତ୍ରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପଂଚାୟତ ସ୍ତରର ଅନେକ ଜନପ୍ରତିନିଧି ମଧ୍ୟ ଭକ୍ତଙ୍କ ପଦସେବାରେ ସାମିଲ ହୋଇଥିଲେ । ଭକ୍ତଙ୍କ ସୁବିଧା ପାଇଁ କୋଠାର ଛକଠାରେ ଭବ୍ୟ ଟେ[ ନିର୍ମାଣ କରାଯାଇ ବିଶ୍ରାମ, ସୁଷମ ଭୋଜନ, ଏବଂ ପାଣି ଭରା କାଉଡ଼ି ରଖିବା ପାଇଁ ସଂଗାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଦୁଇଟି ଭ୍ରାମ୍ୟମାଣ ପାଣି ଟାଙ୍କି ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା ।

# ଧାମନଗର ପ୍ରେସ୍ କ୍ଲବ୍ ପକ୍ଷରୁ ବନ୍ୟାଂଚଳରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଧାମନଗର,(ନି.ପ୍ର.)ଧାମନଗର ପ୍ରେସ କ୍ଲବ ପକ୍ଷରୁ କ[କା ଉନ୍ନୀତ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଛି । ପଂଚାୟତ ସରପଂଚ ଜଗଦାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଏହି ଶିବିରରେ କଟକ ସ୍ଥିତ ବରିଷ୍ଠ ପେଟ ରୋଗ ବିଶେଷଜ୍ଞ ଡ଼ା. ଅଜିତ ପ୍ରସାଦ ଯେନା ଙ୍କ ସମେତ ଫାର୍ମାସିଷ୍ଟ ଲୋପାମୁଦ୍ରା ଧଳ ଓ ମୋନାଲିସା ନାୟକ, ପର୍ଶୁରାମ ଦାସ, ଜ୍ୟୋତିରଂଜନ ଦାସ, ରୁଦ୍ରନାରାୟଣ ପୋଥାଳ ପ୍ରମୁଖ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ହୋଇ ରୋଗୀମାନଙ୍କୁ ପରୀକ୍ଷା ନିରୀକ୍ଷା କରି ସେବା ଯୋଗାଇଥିଲେ ।ଏହି ଶିବିରରେ ପ୍ରାୟ ୩ ଶହରୁ ଉର୍ଦ୍ଧ ବିଭିନ୍ନ ରୋଗୀଙ୍କୁ ଚିକିତ୍ସା କରାଯିବା ସହି ମାଗଣା ଔଷଧ ବିତରଣ କରାଯାଇଥିଲା ।



ଏହି କାର୍ଯ୍ୟକ୍ରମରେ ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ ଯୋଗ ଦେଇ ଉକ୍ତ ସେବା କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବ ର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ଜେନା, ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ, ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ, ସୁଧାକର ଦାଶ, ରମେଶ ଚନ୍ଦ୍ର ବେହେରା , ଅଭିମନ୍ୟୁ ମଲ୍ଲିକ, ସନ୍ତୋଷ କୁମାର ମହାପାତ୍ର, ଜଗନ୍ନାଥ ବେହେରା, ସୁଦୀପ୍ତ ଖଟୁଆ, ତାପସ ରଂଜନ ସାହୁ, ସଞ୍ଜୀବ ମହାନ୍ତି, ବିଶ୍ୱଜିତ୍ ପଲାଇ, ଗୌରାଙ୍ଗ ଦାଶ ପ୍ରମୁଖ ଉପସ୍ଥିତ ।

# ଖଳିଆପାଲି ପଂଚାୟତରେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ପକ୍ଷରୁ ସହାୟତା

ଗୋଲାମୁଣ୍ଡା,(ନି.ପ୍ର.) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଅଂଚଳ ଖଳିଆପାଲି ଗ୍ରାମପଂଚାୟତରେ ଏକ ମହତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଧାନ ମଣ୍ଡିଠାରେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ପକ୍ଷରୁ ଅସହାୟ ଲୋକଙ୍କୁ ମାଗଣାରେ ସହାୟତା ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଅଂଚଳର ପ୍ରାୟ ୮୨୦ ଜଣ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ମାନଙ୍କୁ ମାଗଣାରେ ଛତା ଏବଂ ଚପଲ ବ[ନ କରାଯାଇଛି । ବିନ୍ଦୁମିନା ସେବା ଫାଉଣ୍ଡେସନର ଅଧକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଏହି କାର୍ଯ୍ୟକ୍ରମରେ ନିଜେ ଉପସ୍ଥିତ ରହି ଏହି ସାମଗ୍ରୀଗୁଡ଼ିକ ବ[ନ କରିଥିଲେ । ବିତରଣ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧକ୍ଷ ବିନ୍ଦୁ ମହାନନ୍ଦ ନିଜେ ଯୋଗଦାନ କରି ଗରିବ ଓ ଅସହାୟ ଲୋକଙ୍କ ସେବା କରିବା ସଂଗଠନର ମୂଳ ଲକ୍ଷ୍ୟ ବୋଲି



ପ୍ରକାଶ କରିଥିଲେ । ଏହି ବ[ନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ବିଜେପି ନେତା ମନୋଜ ମେହେର ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜୟନ୍ତ ସିଂ, ବୈଶାଖୁ କେତକୀ,ଗଣେଶ ସାହୁ,ହରେ ମଲ୍ଲିକ, ଜୟ କୃଷ୍ଣ ସାହୁ,ସ୍ଥାନୀୟ ସରପଂଚ ଜିମୁତ ବାହାନ ହରପାଳ,ଆଶୁତୋଷ ରାଉତ, ସୁଶାନ୍ତ ଦଳେଇ, ସୌମ୍ୟ ରଞ୍ଜନ ଅଗଷ୍ଟି, ସୁବାସ ବାଗ,ଦୁଃସାଶାନ ବାଗ, ମନୋଜ ଅଗ୍ରୱାଲ, ସୁରେଶ ମଙ୍ଗରାଜ,ମ[ ସାହୁ,ଅନନ୍ତ ସାହୁ, ଅଶୋକ ମଙ୍ଗରାଜ, ଜଗୁଜୀବନ ସେଠିଆ, ମୋହନ ଲାଲ ଅଗ୍ରୱାଲ ପ୍ରମୁଖ ଫାଉଣ୍ଡେସନ ର କାର୍ଯ୍ୟ କୁ ପ୍ରଶଂସା କରିଥିଲେ କ୍ଷ ଅନ୍ୟ ପକ୍ଷରେ ଖଳିଆପାଲି ଗ୍ରାମ ପଂଚାୟତ ର ରାଜୁ ବାଗ, ରବୀନ୍ଦ୍ର ସୁନାନୀ, କ୍ଷୀରସିନ୍ଧୁ ଜଗତ,ତ୍ରିଲୋଚନ ବାଗ, ପୁନି ବାଗ, ସରୋଜ ମୁଣ୍ଡ, ପିତାମ୍ବର ବେହେରା, ପିଣ୍ଡ ଜାଲ, ଶମ୍ଭୁ ସୁନାନୀ,ଲିଙ୍ଗରାଜ ସିଂ,ଅନିରୁଦ୍ଧ ବାଗ, ନାଥ ବାଗ, ଅନୁପ ସୁନାନୀ, ଅନିରୁଦ୍ଧ ବାଗ, ଜଗଦିଶ ମଙ୍ଗରାଜ, ନର ତାଣ୍ଡି, ପକ୍ଷୀ ତାଣ୍ଡି, କ୍ଷୀରସିନ୍ଧୁ ଚଲାନ,ଦୁର୍ବର୍ଣ ନାଏକ, ଦୁରମନ ନାଏକ,କସ୍ତୁରୀ ବାଗ ପ୍ରମୁଖ ସେବା ଫାଉଣ୍ଡେସନ କୁ ସମର୍ଥନ କରି ନିଜେ ରହି ବ[ନ କାର୍ଯ୍ୟକ୍ରମ ସଫଳ କରିଥିଲେ ।ଫାଉଣ୍ଡେସନର ଏଭଳି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଅଂଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି ।





ଅଧିକ ପରିଶ୍ରମ ଦ୍ୱାରା ସ୍ୱାସ୍ଥ୍ୟ ଖରାପ ହୁଏ ନାହିଁ । ସ୍ୱାସ୍ଥ୍ୟକୁ କ୍ଷତି ପହଂଚାନ୍ତି ବ୍ୟସ୍ତତା, ଶୋକ, ଭୟ, ଚିନ୍ତା ଏବଂ ଅସନ୍ତୋଷ ।

# ଆଜିକାଲି



*'ଯଃ ସର୍ବତ୍ରାନଭିସ୍ନେହସ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍*
*ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠାତା*
*(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ମାଣ୍ଡିଆ ଏକ ସୁଖାଦ୍ୟ

ସ୍ୱାସ୍ଥ୍ୟ ଓ ସବୁ ଦିଗରୁ ଲୋକଙ୍କ ପାଇଁ ମାଣ୍ଡିଆ ଏକ ସୁଖାଦ୍ୟ । ଅତୀତରେ ଆଦିବାସୀ ମାନେ କେବଳ ମାଣ୍ଡିଆ ଉପରେ ନିର୍ଭର କରୁଥିଲେ । ଅବଶ୍ୟ ସେତେବେଳେ ମାଣ୍ଡିଆ ସଂପର୍କରେ ସେଭଳି ସଚେତନତା ଜାରୀ ହୋଇ ନଥିଲା । କିନ୍ତୁ ଗତ ୪/୫ ବର୍ଷ ଭିତରେ ବଜାରରେ ମାଣ୍ଡିଆ ବିକ୍ରି ବଢ଼ିଥିଲା । ଯଦିଓ ନବୀନ ସରକାରଙ୍କ ଅମଳରେ ଏହା ଉପରେ କିଛିଟା ଗୁରୁତ୍ୱ ଦିଆଯାଇଥିଲା କିନ୍ତୁ ମୋହନ ମାଝୀ କ୍ଷମତାକୁ ଆସିବା ପରେ କେବଳ ଯେ ଗୁରୁତ୍ୱ ଦେଇଛନ୍ତି ତାହା ନୁହେଁ ଏଥିପାଇଁ ଆନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତଖାଦ୍ୟ ସମ୍ମିଳନୀ କରି ମାଣ୍ଡିଆକୁ ରାଜ୍ୟରେ ନିଶ୍ଚିତ ଭାବେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ସେ ଜୋର ଦେଇ କହୁଛନ୍ତି । ଏହି ସମ୍ମିଳନୀରେ କୃଷିମନ୍ତ୍ରୀ ମଧ ମାଣ୍ଡିଆ ଚାଷକୁ ସମସ୍ତ ଜିଲ୍ଲାରେ ତ୍ୱରାନ୍ୱିତ କରିବାକୁ ଚାଷୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି । ସାଧାରଣତଃ ଆଦିବାସୀ ଅଂଚଳରେ ମାଣ୍ଡିଆ ଚାଷ ହୋଇଥାଏ । ଯେଉଁ ଜମିରେ ମାଣ୍ଡିଆ ଚାଷ କରାଯାଇ ଅଧିକ ଅମଳ ହେବ ଏବଂ ସବୁ ଶ୍ରେଣୀର ଲୋକେ ଏହାକୁ ମୁଖ୍ୟ ଖାଦ୍ୟ ଭାବେ ଗ୍ରହଣ କରିବେ । କେବଳ ମାଣ୍ଡିଆ ଜାଉ ନୁହେଁ ମାଣ୍ଡିଆରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ କିଭଳି ଲୋକଙ୍କ ପାଖରେ ପହଂଚିବ ସେ ଦିଗରେ ସମ୍ମିଳନୀରେ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଛି ଏବଂ ବଜାରରେ କିପରି ସୁବିଧାରେ ପାଇ ପାରିବେ ସେଥିପାଇଁ ବ୍ୟବସାୟୀ ଓ ଦୋକାନୀ ମାନେ ଏବେଠାରୁ ଆଗ୍ରହ ପ୍ରକାଶ କରିବା ଉଚିତ । ଫଳରେ ଲୋକେ ସୁସ୍ୱାଦୁ ଖାଦ୍ୟ ଭାବେ ମାଣ୍ଡିଆକୁ ଗ୍ରହଣ କରିବେ ଏଥିରେ ସନ୍ଦେହ ନାହିଁ । କାରଣ ସବୁ ଦୃଷ୍ଟିରୁ ବିଚାର କଲେ ଅନ୍ୟାନ୍ୟ ଖାଦ୍ୟ ଅପେକ୍ଷା ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ । ଏଣିକି ମାଣ୍ଡିଆକୁ ମା'ମାନେ ମାଣବସା ଗୁରୁବାରରେ ଭୋଗ ଲାଗି କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ପରିବାରକୁ ନିବେଦନ କରିଛନ୍ତି । ଆମେ ଆଶା କରୁଛୁ ରାଜ୍ୟବାସୀ ଆହୁରି ଅଧିକ ମାଣ୍ଡିଆକୁ ମୁଖ୍ୟ ଖାଦ୍ୟ ଭାବେ ଗ୍ରହଣ କରିବା ଉଚିତ । ତେବେ ମାଣ୍ଡିଆର ଉତ୍ପାଦନ ଉପରେ ନିର୍ଭର କରେ । ଯଦି ଚାଷୀମାନେ ମାଣ୍ଡିଆ ଉପରେ ଅଧିକ ଗୁରୁତ୍ୱ ଦେବେ ଜମିରେ ମାଣ୍ଡିଆ ଚାଷ ଅଧିକ ହେବ ତା'ହେଲେ ମାଣ୍ଡିଆର ଦାମ ମଧ କମିବ ଏଥିରେ ସନ୍ଦେହ ନାହିଁ । ମୋହନ ସରକାରଙ୍କ ଏହି ସମ୍ମିଳନୀ ଉପରେ ଚାଷୀ ଯଦି ଗୁରୁତ୍ୱ ଦେବେ ବିଭିନ୍ନ ରୋଗ ବ୍ୟାଧିରୁ ପରିବାର ଉପକୃତ ହେବେ ଏଥବରେ ଦ୍ୱିମତ ହେବାର ନାହିଁ । ଏଣିକି ମାଣ୍ଡିଆ ଉପରେ ଚାଷୀ ମାନେ ଅଧିକ ଗୁରୁତ୍ୱ ଦେବେ ଏବଂ ମାଣ୍ଡିଆକୁ ବିକ୍ରି କରି ଚାଷୀମାନେ ଲାଭବାନ ହେବେ ଏହା କୃଷିବିଶେଷଜ୍ଞ ମାନେ ଜୋର ଦେଇ କହିଛନ୍ତି । ମାଣ୍ଡିଆ ଉପରେ ମୋହନ ସରକାରଙ୍କ ଏଭଳି ଗୁରୁତ୍ୱ ନିଶ୍ଚିତ ଭାବେ ସାରା ରାଜ୍ୟରେ ପ୍ରଭାବ ପଡ଼ିବ ବୋଲି ଏଥିରେ ସନ୍ଦେହ ନାହିଁ ।

## ଅଭିପ୍ସା -୨



◆ ନିହାର ସାମଲ

ଓମ୍ ରୁ ଆରମ୍ଭ ଓମ୍ ରେ ବିଲୀନ
ଅନାଦି କାଳରୁ ଏ ସୃଷ୍ଟି ସମ୍ଭାର ।
ଆଲୋକ ପ୍ରତୀକ୍ଷେ ମୋ ଜୀବନ ସତା
ନିବୃତ କକ୍ଷେ, ଅଭିପ୍ସା ର ଅଗ୍ନିଶିଖା
ଯନ୍ତ୍ରମତ ସେ ତ ଅଲୋକ ର ଦିଗେ ।
ତୋ କରୁଣା ର ପୂର୍ଣ୍ଣ ବିଶ୍ୱାସେ ।।୧।।
ଅନ୍ଧକାର ର ପରଦାକୁ ଭେଦି
ଅଭିପ୍ସା ର ଶାଶ୍ୱତ ବୀଜଟି
ଅଟଳ ବିଶ୍ୱାସେ ପ୍ରକାଶିବା ପାଇଁ
ତୁମ୍ଭେ ଅନନ୍ତ ର ଆଲୋକର ଧାରେ ।। ୨।।
ଏ ଜୀବନ ମୋର ହେଉ ଆମନ୍ତ୍ରିତ
ନୂତନ ଆଲୋକେ ହେଇ ପଲ୍ଲବିତ
ବଦଳି ଯାଉ ଏ ମନ ଓ ଚିନ୍ତନ
ଜଗିଉଠୁ ଅନ୍ତରେ ଏ ଦିବ୍ୟ ଚେତନ ।।୩।।
ଆଧ୍ୟାତ୍ମମୁଖୀ ଏ ହୃଦୟ ସ୍ପନ୍ଦନ
ଉଦବୁଦ୍ଧ କରାଏ ଜାଳି ଚେତନା ପ୍ରଦୀପ
ଅନ୍ତରେ ସୃଜଇ ଦିବ୍ୟ ଆନନ୍ଦ ଅମାପ
ମୋ ଦିବ୍ୟ ରଥ କୁ କର ସତ୍ୟର ପଥିକ ।।୪।।

*ସିଦ୍ଧିନଗର-୨,ମେଣ୍ଢାଶୋଳ,ବାଲେଶ୍ୱର,ମୋ:-୯୪୩୭୭୬୯୮୬୮*



## ଅନେକ ସ୍ୱପ୍ନ ନେଇ ବଂଚିଛି

◆ବେଦମତି ପ୍ରିୟଙ୍କା ରଥ

ଜୀବନର ଚଲା ପଥରେ
ଅନେକ ଥର ମୁଁ ଝୁଂଟିଛି
ଅଜଣା ଏ ରାସ୍ତାରେ କେତେ
ପଡିଛି, କେତେ ଯେ ଉଠିଛି,
ତଥାପି ନ ହାରି ଆଜି ମୁଁ ଅନେକ
ସ୍ୱପ୍ନ ନେଇ ବଂଚିଛି !!!
ମୁଁ ଏମିତି ପଥିକ ଟିଏ,
ଯିଏ ଏକାକୀ ଚାଲିବା ଶିଖିଛି
ନୁଆଁ ନୁଆଁ ସ୍ୱପ୍ନ ଗଳିରେ
କେତେ ରାତି ଏକା କାଟିଛି,
ଭଙ୍ଗା, ଗଢ଼ା ନିଦ ପ୍ରାଙ୍ଗଣେ
ମୁଁ ଅନେକ ସ୍ୱପ୍ନ ନେଇ ବଂଚିଛି
ଯାହାକୁ ନିଜର କରିଛି
ସିଏ ପର ଠାରୁ ବଳି ହୋଇଛି
ନିଃସ୍ୱାର୍ଥୀ ସଜେଇ ନିଜକୁ
ସ୍ୱାର୍ଥୀଙ୍କୁ ହିଁ ପାଖେ ପାଇଛି,
ସନ୍ଦେହ ଭରା ଏ ସମାଜେ
ମୁଁ ଅନେକ ସ୍ୱପ୍ନ ନେଇ ବଂଚିଛି
ଅମାବାସ୍ୟା ଭଳି ଜୀବନେ
ମୁଁ ଆଶାର ଦୀପଟେ ଜାଳିଛି
ଝଡ କି ମୋଡକୁ ନ ଡରି
ପାଦ ମୋ ଆଗେଇ ଚାଲିଛି,
ନିରାଶା ଭରା ଏ ସହରେ
ମୁଁ ଅନେକ ସ୍ୱପ୍ନ ନେଇ ବଂଚିଛି

*ଘଡଘଡ଼ାପଲ୍ଲୀ, ଛତ୍ରପୁର, ଗଞ୍ଜାମ*

# ଅବହେଳିତ ଓଡ଼ିଆଙ୍କ ଭାଗବତ ଟୁଙ୍ଗୀ

◆ କ୍ଷୀରୋଦିନୀ ବେହେରା



◆କ୍ଷୀରୋଦିନୀ ବେହେରା




ଯୁଗଯୁଗ ଅନେକ ଯୁଗ ବିତିଯିବା ପରେ ଆଜି ବିଜ୍ଞାନ ଯୁଗରେ ମାନବ ସଭ୍ୟତା ପାଦ ଥାପିଛି । ବିଜ୍ଞାନର ମହାମନ୍ତ୍ର ଆହ୍ୱାନରେ ମାନବ ସମାଜ ଓ ଜୀବନ ହୋଇଛି ମହା ଶକ୍ତିମାନ । ପ୍ରତିଟି କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା କରି ଚାଲିଥିବା ବେଳେ ଯାବତୀୟ ଅସମ୍ଭବକୁ ସମ୍ଭବ କରିପାରିଛି ଏ ସଭ୍ୟ ସମାଜ । ଯାହା ଫଳରେ ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ତା'ର ପ୍ରଭାବ ବିସ୍ତାର କରିଚାଲିଛି କିନ୍ତୁ ସାମ୍ପ୍ରତିକ ଯୁଗରେ ମାନବ ସାଜିଛି ବିଜ୍ଞାନର କ୍ରୀଡ଼ାପୁତଳିକା । ହେଲେ ଏପାଖରେ ମାନବ ପରମ୍ପରା ଓ ସଂସ୍କୃତି ଭୁଷୁଡ଼ି ପଡ଼ିଛି, ସେଥିପ୍ରତି ଚିନ୍ତା କରିବାପାଇଁ କାହାରି ପାଖରେ ଟିକେବି ସମୟ ନାହିଁ । ଆଜି ଓଡ଼ିଆଙ୍କ ଭାଗବତ ଟୁଙ୍ଗୀ ସ୍ୱପ୍ନ ହେବାକୁ ବସିଲାଣି । ପ୍ରତି ଓଡ଼ିଆଙ୍କ ପରିଚୟ ଏବଂ ଆତ୍ମା ବୋଲାଉଥିବା ଭାଗବତ ଟୁଙ୍ଗୀକୁ ବର୍ତମାନ ପରିସ୍ଥିତିରେ ଅବହେଳିତ କରାଯାଇଛି । ପ୍ରତ୍ୟେକ ସ୍ଥଳରେ ଆଧୁନିକତାର ବିଜୟ ନିଶାଣ ପ୍ରତିଧ୍ୱନିତ ହେଉଛି କିନ୍ତୁ ଝାଟିମାଟି ନଡ଼ାଛପରରେ ତିଆରି ଭାଗବତ ଟୁଙ୍ଗୀ ଘରେ ଶଙ୍ଖ, ହୁଳହୁଳି, ହରିବୋଲ ଧ୍ୱନି ଆଉ ଶୁଣିବାକୁ ଆଉ ମିଳୁନାହିଁ । ସମୟ ଥିଲା ସଂଜ ନଇଁଗଲେ ଭାଗବତ ଟୁଙ୍ଗୀ ଘରେ ପୋଲାଙ୍ଗ ତେଲର ମାଟିଦୀପ ଜଳାଇ ନିଷ୍ପ୍ରଭ ଆଲୁଅରେ ଅସ୍ପଷ୍ଟ ଦିଶୁଥିବା ଖଟୁଲି ଉପରେ ମହାପ୍ରଭୁ ଜଗନ୍ନାଥ ହୁଅନ୍ତି ବିରାଜିତ । ପ୍ରତିଘରୁ ଆସିଥିବା ଟଗର, ମଲ୍ଲୀ/ଗେଣ୍ଡୁମାଳରେ ପ୍ରଭୁ ହୁଅନ୍ତି ସୁଶୋଭିତ । ହେଁସ ମଶିଣା ବିଛାଇ ଗାଁ'ର ଲୋକ ମାନେ ଶୁଦ୍ଧଶୌଚ ହୋଇ ଏଠାକୁ ଚାଲିଆସନ୍ତି । ପ୍ରଦୀପ ପ୍ରଜ୍ୱଳନ ପରେ ଠାକୁରଙ୍କ ଭୋଗନୀତି ବଢ଼େ ଓ ଶଙ୍ଖ, ହୁଳହୁଳି, ହରିବୋଲ ଧ୍ୱନିରେ ମୁଖରିତ ହୁଏ ପରିବେଶ । ଭାଗବତ, ଓଡ଼ିଆ ରାମାୟଣ, ଓଡ଼ିଆ ମହାଭାରତ ଓ ପୁରାଣ ପଣ୍ଡିତଙ୍କ କଣ୍ଠରୁ ଭାସିଆସେ ଅମୂଲ୍ୟ ପଙ୍କ୍ତି । କିନ୍ତୁ ଦୁଃଖର କଥା, ଏସବୁ ଦେଖିବା ବର୍ତମାନ ସମୟରେ ଏକ ପ୍ରକାର ଦିବାସ୍ୱପ୍ନ ପରି ଲାଗିଲାଣି । ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନୁସାରେ ଓଡ଼ିଆଙ୍କ ଜନଜୀବନରେ ଭାଗବତ ଟୁଙ୍ଗୀ ହେଉଛି ଏକ ଅବିଚ୍ଛେଦ ଅଙ୍ଗ । ଏହାକୁ ଓଡ଼ିଆଙ୍କର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର କିମ୍ବା ପବିତ୍ର ଗୃହ ବୋଲି ବିବେଚନା କରାଯାଏ । ଭାଗବତପ୍ରେମୀ ମାନେ ଭାଗବତ ଟୁଙ୍ଗୀରେ ଏକାଠି ହୋଇ ଓଡ଼ିଆ ଜାତିର ସଂସ୍କୃତି, ପରମ୍ପରା ଓ ଭାଇଚାରା ଭାବକୁ ବାନ୍ଧି ରଖିବାର ଏହା ଏକ ପରମଶାସ୍ତ୍ର ବୋଲି ଲୋକେ ବିଶ୍ୱାସ କରନ୍ତି । ଅଧିକାଂଶ ଗାଁ'ର ମଝିରେ ଭାଗବତ ଟୁଙ୍ଗୀ ଦେଖିବାକୁ ମିଳିଥାଏ । ହେଲେ କେହିକେହି ଏହାକୁ ଗ୍ରାମର ଏକ ନ୍ୟାୟାଳୟ ମଧ କୁହନ୍ତି । ଗ୍ରାମରେ ପରସ୍ପର ମଧ୍ୟରେ ଝଗଡ଼ା-ଝାଟି ହେଲେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତରେ ଆପୋଷ-ସମାଧାନ ହୁଏ ଏହି ଭାଗବତ ଟୁଙ୍ଗୀରେ । ମାତ୍ର ସମାଧାନ ହେଲାପରେ ପୁଣିଥରେ ଭାଗବତ ଟୁଙ୍ଗୀରେ ବନ୍ଧୁ ବନ୍ଧାଯାଏ । ଏଭଳି ସମସ୍ତଙ୍କ ମତାନ୍ତର ଓ ମନାନ୍ତରର ପରସ୍ପର ମଧ୍ୟରେ ସମାଧାନ ହେଉଥିଲା ସେତେବେଳେ । ଭାଇଭାଇ ଭିତରେ ଯଦି କିଛି ବାଦ-ବିବାଦ ସୃଷ୍ଟି ହୋଇଥାଏ, ଏଠାରେ ତାହା ହୁଏ ଦୂରୀଭୂତ । ଦୋଷ ସ୍ୱୀକାର କରିଥିବା ବ୍ୟକ୍ତିମାନେ ପ୍ରଜ୍ୱଳିତ ଦୀପଶିଖା ଏବଂ ଭାଗବତ ଗାଦିକୁ ସାକ୍ଷୀ ରଖି ଭୁଲର ପୁନରାବୃତି ନକରିବାକୁ ଶପଥ ନିଅନ୍ତି । ଚାଷବାସ ସମ୍ବନ୍ଧରେ ଆଲୋଚନା ସହିତ ଗାଁ'ର ବିଭିନ୍ନ ସମସ୍ୟାର ସମାଧାନ ମଧ ଏଠାରେ ହୁଏ । ଏହାଦ୍ୱାରା ଗ୍ରାମାଂଚଳରେ ସୃଷ୍ଟିହୁଏ ଶାନ୍ତିପୂର୍ଣ୍ଣ ପରିବେଶ । ଏହା କେବଳ ଯେ ଭାଗବତ ଟୁଙ୍ଗୀ, ତାହା ନୁହେଁ ଏହା ଥିଲା ଅତୀତର ଏକ ଅତିଥିଶାଳା । ଦୂର ବାଟୋଇଟିଏ ସ ହେଲେ ବିନା ଭୟରେ ଏଇଠି ଆଶ୍ରୟ ନିଏ, ରାତି ପାହିଲେ ପୁଣି ଫେରେ ତା'ର ଗନ୍ତବ୍ୟ ପଥରେ । ସବୁଠାରୁ ବଡ଼କଥା ହେଲା, ପରନିନ୍ଦା ବା ପରଚର୍ଚ୍ଚା କରିବାକୁ ଏଠାରେ କାହାରିକୁ ଅନୁମତି ଦିଆଯାଏ ନାହିଁ । କେବଳ ସେତିକି ନୁହେଁ, ସେହି ସମୟରେ ଭାଗବତ ଟୁଙ୍ଗୀ ଥିଲା ଏକ ବିଦ୍ୟାଳୟ । ଗାଁ'ର ନିରକ୍ଷର ଲୋକମାନେ ଦୀପ ଆଲୁଅରେ ମାଟି ସ୍ଲେଟ ଓ ଖଡ଼ି ସାହାଯ୍ୟରେ ବର୍ଣ୍ଣମାଳା ଲେଖି ସାକ୍ଷର ହେଉଥିଲେ । ସବୁଠାରୁ ଭଲକଥା ହେଲା, ପୂର୍ବସନ୍ଧ୍ୟାରେ ଭାଗବତ ଗୃହରେ ପୁରାଣ ପଣ୍ଡିତ ଯାହା ଆଲୋଚନା କରୁଥିଲେ ସେ ସବୁ ପୁଣି ଆଲୋଚନା ହୁଏ କର୍ମକ୍ଷେତ୍ରରେ । ମାତ୍ର ସନ୍ଧ୍ୟାରେ କୀର୍ତନରେ ବିତାଇ ଥିବା କିଛି ସମୟ ଲୋକ ମାନଙ୍କର ମନ ହୁଏ ଉଲ୍ଲସିତ । ଦିନମାନର ଯେତେ କଷ୍ଟ ପରିଶ୍ରମ ହେଉ ନା କାହିଁକି, ଅଳ୍ପରେ ସବୁ ଭୁଲି ହୋଇଯାଏ । ଏ ଥିଲା ସେତେବେଳର ଭାଗବତ ଟୁଙ୍ଗୀର ପାଠପଢ଼ା । ବାସ୍ତବ କଥାକୁ ଆଲୋଚନା କରି ଜଣାଯାଏ ଯେ, ଅତୀତରେ ଭାଗବତ ଟୁଙ୍ଗୀ ପ୍ରତି ରାଜା-ମହାରାଜାମାନଙ୍କର ଅବଦାନ ଥିଲା ଉଚ୍ଚକୋଟିର । ଠାକୁରଙ୍କ ପାଇଁ କେତେ ଯେ ସେମାନେ ଜମି ଦାନ କରି ଯାଇଛନ୍ତି, ହୁଏତ ତା'ର ହିସାବ ନାହିଁ । ମାତ୍ର ସେହି ଜମିକୁ ଯେଉଁମାନେ ଭୋଗ କରିବେ ସେମାନେ ଠାକୁରଙ୍କ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମରେ ବିନା ବେତନରେ ସାହାଯ୍ୟ କରିବା ସହିତ ଭୋଗ-ପ୍ରସାଦ ଯୋଗାଇବେ । ଏହା ବ୍ୟତୀତ ଠାକୁରଙ୍କ ମାଙ୍ଗଳିକ କାର୍ଯ୍ୟକ୍ରମ କିମ୍ବା ଉତ୍ସବରେ ଗ୍ରାମବାସୀଙ୍କ ସାହାଯ୍ୟ ଓ ସହଯୋଗର ହାତ ରହୁଥିଲା । ସେତେବେଳେ ଭାଗବତ ଟୁଙ୍ଗୀର ରକ୍ଷଣାବେକ୍ଷଣର ଦାୟିତ୍ୱ ଗ୍ରାମରେ ରହୁଥିବା କେତେକ ଧନଶାଳୀ ଶ୍ରେଣୀର ବ୍ୟକ୍ତିମାନେ ନେଉଥିଲେ । ଏ ନେଇ ଗ୍ରାମରେ ଥିବା ଭାଗବତ ଟୁଙ୍ଗୀରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ନୀତିନିୟମ ପ୍ରଣୟନ କରୁଥିଲେ । ନିୟମିତ ଭାଗବତ ଅଭ୍ୟାସ କରିବା ପାଇଁ ନୂତନ କରି ଭାଗବତ ଟୁଙ୍ଗୀ ନିର୍ମାଣ କରାଯାଉଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହା ପ୍ରତ୍ୟେକ ଗ୍ରାମବାସୀଙ୍କ ପାଇଁ ପୂଜାଗୃହ ବୋଲି କୁହାଯାଉଥିଲା । ସଭିଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଏହା ଥିଲା ଏକ ପ୍ରମୁଖ ମାଧ୍ୟମ । କିନ୍ତୁ ଏବେ ରାଜନୈତିକ କାରଣରୁ ଅନେକ ଭାଗବତ ଟୁଙ୍ଗୀ ଅବହେଳିତ ଅବସ୍ଥାରେ ପଡ଼ିଛି । ଅନେକାଂଶ ଗ୍ରାମରେ ଭାଗବତ ଟୁଙ୍ଗୀ ନଥିବା ବେଳେ ଅନେକ ଗ୍ରାମରେ ଭାଙ୍ଗି ପଡ଼ିଛି । ତାହା ଦେଖି ବର୍ତମାନର ପୀଢ଼ି ମାନେ ପଚାରୁଛନ୍ତି, ଭାଗବତ ଟୁଙ୍ଗୀ କ'ଣ ? ମାତ୍ର ତା'ର ପ୍ରତ୍ୟୁ□ର କେବଳ ଓଡ଼ିଆଙ୍କ ପରମ୍ପରା ଓ ସଂସ୍କୃତି ବୁଡ଼ିଗଲା ବୋଲି ସମସ୍ତଙ୍କ ମୁହଁରେ କୁମ୍ଭୀର କାନ୍ଦଣା ଛଡ଼ା ଆଉ କିଛି ନୁହଁ । ତେଣୁ ଯେ ପର୍ଯ୍ୟନ୍ତ ଅତୀତର ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ଫେରାଇବାର ସ୍ୱପ୍ନ ଓଡ଼ିଶାବାସୀ ନଦେଖିଛନ୍ତି ସେ ପର୍ଯ୍ୟନ୍ତ ଭାଗବତ ଟୁଙ୍ଗୀର ଅଗ୍ରଗତି କେବେ ହେବନାହିଁ । ଏଥିପ୍ରତି ଓଡ଼ିଶାବାସୀ ଏକତ୍ରିତ ହୋଇ ଯତ୍ନବାନ ହେବାର ସମୟ ବର୍ତମାନ ଆସିଛି ।






*ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ମୋ -୯୭୭୭୭୨୯୦୦୨*

### ଜୟନ୍ତୀ ଅବସରରେ

## ଆର୍ତବଲ୍ଲଭ ମହାନ୍ତି : ପ୍ରାଚୀ ସମିତିର ସ୍ରଷ୍ଟା

◆ ଡ଼ଃ.ଅରୁନ୍ଧତୀ ଦେବୀ



ମୌଳିକ ସୃଷ୍ଟି, ଉନ୍ନତି ସମୀକ୍ଷା ଓ ଗଭୀର ଗବେଷଣା ବିନା କୌଣସି ଭାଷାର ସାହିତ୍ୟ ପ୍ରତିଷ୍ଠିତ ହୋଇପାରେ ନାହିଁ । ଯେଉଁ ଉଚ୍ଚ ଶିକ୍ଷିତ ଗବେଷକମାନଙ୍କ ଶ୍ରମ ଦ୍ୱାରା ପ୍ରାଚୀନ ଓଡ଼ିଆ ସାହିତ୍ୟର ଗବେଷଣା ସୁଚାରୁରୂପେ ହୋଇ ପାରିଥିଲା, ସେମାନଙ୍କ ମଧ୍ୟରେ ଆର୍ତବଲ୍ଲଭ ମହାନ୍ତି ଅନ୍ୟତମ । ସେ ଏକାଧାରରେ ସାଧକ, ଗବେଷକ, କାବ୍ୟକାର, ଟୀକାକାର ଓ ଦୁର୍ଲଭ ପୋଥି ଉଦ୍ଧାରକ । ପ୍ରାଚୀନ ଓଡ଼ିଆ ପୋଥି ଉଦ୍ଧାର ଏବଂ ଆଲୋଚନା ପାଇଁ ଗତ ଶତାବ୍ଦୀର ପ୍ରଥମ ଭାଗରେ ତାଙ୍କ ଉଦ୍ୟମରେ ଗଢ଼ି ଉଠିଥିଲା ପ୍ରାଚୀ ସମିତି । ଏହି ଅନୁଷ୍ଠାନ କିପରି ରୂପ ନେଇଥିଲା ଜାଣିବା ହେଉ । ଆର୍ତବଲ୍ଲଭ ରେଭେନ୍ସା ମହାବିଦ୍ୟାଳୟରେ ଅଧାପନା କରୁଥିବା ବେଳର କଥା । ସେ ପୂର୍ବ ଛାତ୍ରାବାସର ତତ୍ତ୍ୱାବଧାରକ ଥାଆନ୍ତି । ଆଉ ସହକାରୀ ତତ୍ତ୍ୱାବଧାରକ ରସାୟନ ବିଜ୍ଞାନ ବିଭାଗର ଅଧାପକ ଗୁରୁଚରଣ ମହାନ୍ତି । ଦିନେ ଗୁରୁଚରଣ ବିଦ୍‌ଗଧ ଚିନ୍ତାମଣିର ଛାନ୍ଦ ବୋଲୁଥିବା, ଆର୍ତବଲ୍ଲଭଙ୍କ କାନରେ ପଡ଼ିଲା । ସେ ପଚାରିଲେ, କ'ଣ କିଛି ବୁଝୁଛ ନା ଖାଲି ବୋଲୁଛ ? ଗୁରୁଚରଣ କହିଲେ, ଭଲ ଲାଗୁଛି ବୋଲି ବୋଲୁଛି । ଆର୍ତବଲ୍ଲଭ କହିଲେ ଠିକ୍ । ହେଲେ ବୁଝିଲେ ଆହୁରି ଅଧିକ ଭଲ ଲାଗନ୍ତା । ଗୁରୁଚରଣ ପଢୁଥିବା ବିଦ୍‌ଗଧ ଚିନ୍ତାମଣିରେ ଟୀକା ନଥିଲା । ତହୁଁ ଟୀକା ଲେଖିବା ପ୍ରସ୍ତାବ ସେ ଆର୍ତବଲ୍ଲଭଙ୍କୁ ଦେଲେ । କିଛି ଅଧାପକ ବନ୍ଧୁ, ଛାତ୍ର ଆଦିଙ୍କ ସହ ଟୀକା-ଲେଖା ଆରମ୍ଭ ହେଲା । ହଠାତ୍ ଦିନେ ଆର୍ତବଲ୍ଲଭ ଘୋଷଣା କଲେ ଯେ, ମୁଦ୍ରିତ ପୁସ୍ତକରେ ଅନେକ ତ୍ରୁଟି ରହିଛି । କେତେକ ସ୍ଥାନରେ ଅର୍ଥ ବୋଧଗମ୍ୟ ହେଉନାହିଁ । ଓଡ଼ିଆ ପୁଅ ଅଭିମନ୍ୟୁ ସାମନ୍ତସିଂହାର କେବେ ହେଲେ ଏମିତି ଲେଖି ନଥିବେ । ଶୁଦ୍ଧ ସଂସ୍କରଣ ଖୋଜାଯିବା ଦରକାର । ଟୀକା ରଚନା ବନ୍ଦ ହେଲା ଏବଂ ଆରମ୍ଭ ହେଲା ଶୁଦ୍ଧ ସଂସ୍କରଣ ଅନ୍ୱେଷଣ । ଏହି ଉଦ୍ଦେଶ୍ୟରେ ଗଢ଼ାଯାଇଥିଲା ପ୍ରାଚୀ ସମିତି । ଶୁଦ୍ଧ ମାଦଳା ପାଞ୍ଜି, ରୁଦ୍ର ସୁଧାନିଧି, ସାରଳା ମହାଭାରତ ଆଦିର ବିଧିବଦ୍ଧ ସଂପାଦନା ହେଉଛି ଆର୍ତବଲ୍ଲଭଙ୍କ ଅମର କୃତୀ । ବ୍ୟକ୍ତିଗତ ଜୀବନରେ ସେ ଥିଲେ ଅତ୍ୟନ୍ତ ସରଳ । ସାହିତ୍ୟ ଗବେଷଣା ଭିନ୍ନ ଖେଳକୁଦରେ ବିଶେଷ ରୁଚି ଥିଲା । ଫୁଟବଲ, ହକି, କ୍ରିକେଟ ଆଦିରେ ପାରଙ୍ଗମ ଥିଲେ । ଷାଠିଏ ବର୍ଷ ବୟସରେ ଏକଦା ରେଭେନ୍ସା କଲେଜ ପଡ଼ିଆରେ ଫୁଟବଲ୍ ଖେଳି ଦର୍ଶକଙ୍କୁ ଚମତ୍କୃତ କରିଥିଲେ । ୧୮୮୭ ଶ୍ରାବଣ କୃଷ୍ଣ ପକ୍ଷ ଏକାଦଶୀରେ ଜନ୍ମ ହୋଇଥିଲେ ଏହି ମହାନ୍ ଓଡ଼ିଆ ।

*ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ : ୯୯୩୭୧୭୨୮୧୦*

### ପୁଣ୍ୟତିଥି ଅବସରରେ

## ଡ. ଗଣେଶ୍ୱର ମିଶ୍ର



ଇଂରେଜୀ ଭାଷା ସାହିତ୍ୟରେ ଅଧାପନା କରୁଥିଲେ ହେଁ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ଡ.ଗଣେଶ୍ୱର ମିଶ୍ରଙ୍କ ଅବଦାନ ଉଲ୍ଲେଖନୀୟ । ପୁରୀ ଜିଲ୍ଲା ସ୍କୁଲରେ ଷଷ୍ଠ ଶ୍ରେଣୀ ପଢୁଥିବା ବେଳେ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା । ସ୍କୁଲ ପତ୍ରିକା ମହୋଦଧିରେ ତାଙ୍କର ପ୍ରଥମ କବିତା ପ୍ରକାଶିତ ହୋଇଥିଲା । ତାହାପରେ ଆଉ ଅଟକି ନଥିଲେ । ସାଙ୍ଗ ସାଥୀଙ୍କୁ ନେଇ ହାତ ଲେଖା ସାହିତ୍ୟ ପତ୍ରିକା ବାହାର କରିଥିଲେ ଏବଂ କ୍ରମଶଃ ଆଗକୁ ବଢ଼ିଥିଲେ । ରେଭେନ୍ସା କଲେଜରେ ଛାତ୍ର ଥିବା ବେଳେ ଲେଖିଥିଲେ ପ୍ରଥମ ଉପନ୍ୟାସ ସାମୁଦ୍ରିକ । ତାହାପରେ ଆରୋହୀ, ନୋ, ସକାଳର ମୁହଁ ଆଦି । ସେ ଉଭୟ ଓଡ଼ିଆ ଏବଂ ଇଂରେଜୀରେ ଲେଖାଲେଖି କରୁଥିଲେ । ବାବାଜି ନାଟକ ତାଙ୍କ ଦ୍ୱାରା ଇଂରେଜୀରେ ଅନୁଦିତ । ୧୯୮୩ରେ ବିଲାତରେ ବାପୁ ଓ ପାପୁ ପାଇଁ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର । ୨୦୦୫-୨୦୦୭ ଡ. ମିଶ୍ର ଓଡ଼ିଶା ସାହିତ୍ୟ ଏକାଡ଼େମିର ସଭାପତି ଆସନ ଅଳଂକୃତ କରିଥିଲେ । ସେ ଦୈନିକ ସମ୍ବାଦପତ୍ର ପ୍ରମେୟର ପ୍ରଥମ ସଂପାଦକ । ୧୯୬୫ରେ ପୁରୀ ଏସ୍‌ସିଏସ୍ କଲେଜରେ ତାଙ୍କର ଅଧାପକ ଜୀବନ ଆରମ୍ଭ ହୋଇଥିଲା । ରାଜ୍ୟର ଏକାଧିକ ମହାବିଦ୍ୟାଳୟରେ ଅଧାପନା ପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ ଏବଂ ଏଠାରୁ ହିଁ ଅବସର ନେଇଥିଲେ । ସେ ଇଂରାଜୀ ଭାଷା ସାହିତ୍ୟରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଓ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଗବେଷଣା କରିଥିଲେ । ଆଜି ତାଙ୍କର ପରଲୋକ ତିଥି ।











# ଶ୍ରାବଣ ମାହାତ୍ମ୍ୟ : ଶିବଙ୍କ ଜଳଲାଗି ଉତ୍ସବ

## ବୋଲ୍ ବମ୍, ହର ହର ବମ୍. . .



◆ ହରେକୃଷ୍ଣ ପତି

ଓଡ଼ିଶାର ପୁରପଲ୍ଲୀ ବ୍ୟତୀତ ଓଡ଼ିଶା ବାହାରେ ସମଗ୍ରୟ ହିନ୍ଦୁସ୍ଥାନର ହିନ୍ଦୁ ସମ୍ପ୍ରଦାୟ ଆଜି ଶ୍ରାବଣ ମାସରେ ଶିବଙ୍କ ଉପରେ ଜଳାଭିଷେକ କରି ବହୁ ପୁଣ୍ୟର ଅଧିକାରୀ ହୁଅନ୍ତି । ଏହାର ଏକ ଭକ୍ତିପୂତ ନିଦର୍ଶନ ହେଉଛି, କାଉଡ଼ିଆମାନଙ୍କ ଦ୍ୱାରା ଶିବଙ୍କ ମସ୍ତକରେ ଜଳଲାଗି ଉତ୍ସବ । ଓଡ଼ିଆ ତଥା ଭାରତୀୟ ସଂସ୍କୃତିର ପ୍ରାଚୀନ ହିନ୍ଦୁ ଶାସ୍ତ୍ର ମତାନୁସାରେ ଶ୍ରାବଣ ଏକ ପବିତ୍ର ମାସ । ଏହି ମାସରେ ସଂସାରର ସମସ୍ତ ମନୁଷ୍ୟ ବିଶେଷତଃ ଶିବ, କୃଷ୍ଣ, ଶନିଶ୍ଚର, ଲକ୍ଷ୍ମୀ ଓ ଗୌରୀଙ୍କ ଉପାସନା କରି ବହୁ ଜ୍ଞାନ, କୀର୍ତି ଓ ଧର୍ମ ଅର୍ଜନ କରିଥାନ୍ତି । ଏହି ମାସରେ କାଉଡ଼ିଆ ଭକ୍ତମାନେ ଜଳାଭିଷେକ ବା ଜଳଲାଗି କରି ଏକ ମହତ ଉଦ୍ଦେଶ୍ୟ ତଥା ଆକାଙ୍କ୍ଷା ସାଧନ କରିଥାନ୍ତି । ଶ୍ରାବଣ ମାସର ପ୍ରତ୍ୟେକ ସୋମବାରର ମହତ୍ୱ ସ୍ୱତନ୍ତ୍ର ଲାଗେ । ଶ୍ରଦ୍ଧାଳୁ ଓ ଭକ୍ତମାନେ ହବିଷ୍ୟାନ୍ନ ଭୋଜନ କରିବା ସଂଗେ ସଂଗେ ଦ୍ୱିପାକ୍ଷିକ ମତକୁ ଛାଡ଼ି ଧର୍ମ, ଅର୍ଥ, କାମ, ମୋକ୍ଷ ତଥା କାୟମନୋବାକ୍ୟରେ ଶିବଙ୍କୁ ଜଳଲାଗି କରି ମନଷ୍କାମନା ପୂରଣ କରିଥାନ୍ତି । ଏହି ମାସରେ ଜଳଲାଗି ଉତ୍ସବକୁ ମଧ୍ୟ ରୁଦ୍ରାଭିଷେକ କୁହାଯାଏ । ଶ୍ରାବଣ ମାସରେ ଶିବ ରୁଦ୍ର ରୂପ ଧାରଣ କରିଥିବାରୁ ତାଙ୍କୁ ସନ୍ତୁଷ୍ଟ କରାଇବାର ବିଧି ହେଉଛି ରୁଦ୍ରାଭିଷେକ । ରୁଦ୍ରାଭିଷେକର ଅନେକ ମହିମା ରହିଥିବା ବେଳେ ଅନେକ ପ୍ରକାର ବିଧି ମଧ୍ୟ ରହିଛି । ଏକମୁଖୀ ଠାରୁ ଆରମ୍ଭ କରି ଏକାଦଶମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷକୁ ପାଣିରେ ଭିଜାଇ ମହୁ, କ୍ଷୀର, ବସାଦହି, ଶର୍କରା, ଘୃତ, ବେଲପତ୍ର, ପୁଷ୍ପାଦିରେ ବିଧିବଦ୍ଧ ପୂଜାର୍ଚ୍ଚନା, ପଂଚାମୃତ ଶୁଦ୍ଧି ଓ ସ୍ନାନ ଇତ୍ୟାଦି କରାଯାଏ । ଏହି ମାସରେ ଲକ୍ଷ୍ମୀ ଓ ଗୌରୀଙ୍କୁ ପୂଜା କରି ଅନେକେ ଫଳବତୀ ହେବାର ବହୁ ପୌରାଣିକ ଗ୍ରନ୍ଥମାନଙ୍କରେ ଲେଖାଅଛି । ଶ୍ରାବଣ ମାସରେ ଶନିଶ୍ଚରଙ୍କୁ ପୂଜା କରି ଅଯୋଧ୍ୟାର ରାଜା ଦଶରଥ ଶନିଙ୍କ କୋପ ଦୃଷ୍ଟିରୁ ରକ୍ଷା ପାଇଥିଲେ । ସେଥି ପାଇଁ ଶ୍ରାବଣ ମାସରେ ଶନିଶ୍ଚର ପୂଜାର ଫଳ ଲାଭଦାୟକ ତଥା ଜୀବ ଜଗତର ମଙ୍ଗଳକାରୀ ହୋଇଥାଏ । ଏଣୁ, ଘରେ ଘରେ ପ୍ରାୟ ଶନିଶ୍ଚର ମେଳା କରି ଶନି ଦଶାରୁ ମୁକ୍ତି ପାଇଥାନ୍ତି । ଶ୍ରାବଣ ମାସରେ ଶିବଙ୍କ ମସ୍ତକରେ ଜଳଲାଗି କଲେ ବା ରୁଦ୍ରାଭିଷେକ କଲେ ଜୀବର ସମସ୍ତ ଦୁଃଖ ଲାଘବ ଓ ଦୁଷ୍ଟ ଶକ୍ତି କବଳରୁ ରକ୍ଷା ମିଳିବା ସହ ସମୃଦ୍ଧି ତଥା ମନୋବାଞ୍ଛିତ ଫଳ ମିଳିଥାଏ । ଏହି ବୋଲ୍ ବମ୍ ପରମ୍ପରା ଓଡ଼ିଶା ସମେତ ସାରା ବିଶ୍ୱରେ ରହିଥିବା ହିନ୍ଦୁମାନଙ୍କୁ ପ୍ରଭାବିତ କରିଥିବା ବେଳେ ଏହା ପଛରେ ଏକ ପୌରାଣିକ କିମ୍ବଦନ୍ତୀ ରହିଛି । କାହିଁ କେତେ କାଳର କଥା, ସ୍ୱୟମ୍ଭୁ ମନୁ ନିରାକାର ବ୍ରହ୍ମଙ୍କ ଦ୍ୱାରା ସୃଷ୍ଟି ସର୍ଜନାର ପ୍ରାରମ୍ଭରେ ଆଷାଢ ମାସ ଶୁକ୍ଳ ତ୍ରୟୋଦଶୀ ତିଥି କର୍କଟ ସଂକ୍ରାନ୍ତି ଗୁରୁବାର ଦିନ ପୃଥିବୀ ଜଳମୟ ହେଲା । ଆଦ୍ୟରେ ଏକ ସୁନ୍ଦରୀ ଲଳନା ଜନ୍ମ ନେଲେ । ସେ ହେଲେ ଆଦିମାତା । ନିରାକାର ବ୍ରହ୍ମ ଓ ଆଦିମାତାଙ୍କ କଳାରୁ ସୁଗୁଣ ଜ୍ୟୋତିର୍ମୟ ତିନି ଜଣ ବାଳକ ଜନ୍ମ ନେଲେ । ସେମାନେ ହେଲେ, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । କାଳକ୍ରମେ ଦିତୀ ଓ ଅଦିତୀ କଶ୍ୟପଙ୍କୁ ବିବାହ କରି ସୁର ଓ ଅସୁରଙ୍କୁ ଜନ୍ମ ଦିଅନ୍ତି । ସୁର ଓ ଅସୁରଙ୍କ ମଧ୍ୟରେ ଚାଲେ ଅବିରତ ସଙ୍ଘର୍ଷ । ରାଜା ବଳି ଜଣେ ସତ୍ୟବାନ, ଦାନୀ ଓ ନ୍ୟାୟବନ୍ତ ରାଜା ଭାବେ ରାଜୁତି କରୁଥିବା ସମୟରେ ଇନ୍ଦ୍ରଙ୍କ ପ୍ରସ୍ତାବ ମୁତାବକ ସୁର ଓ ଅସୁରଙ୍କ ଦ୍ୱାରା ସମୁଦ୍ର ମନ୍ଥନ କରିବାକୁ ରାଜି ହୋଇଥିଲେ । ସମୁଦ୍ର ମନ୍ଥନରୁ ଯାହା ମିଳିବ, ସୁର ଓ ଅସୁର ତାହାକୁ ସମାନ ଭାବେ ବାଂଟି ନେବାର କଥା ହେଲା । ଚାଲିଲା ସମୁଦ୍ର ମନ୍ଥନ । ପ୍ରତ୍ୟେକ ସୁର ଅସୁର ସମୁଦ୍ରରୁ ନିର୍ଗତ ପଦାର୍ଥ ନେବା ପରେ ବାସୁକୀଙ୍କ ମୁଖରୁ ହଳାହଳ ଗରଳ ବାହାରିଥିଲା । ସେହି ଗରଳ ସାରା ସୃଷ୍ଟିର ଜୀବଙ୍କ ପାଇଁ ଆସନ୍ନ ବିପଦ ପାଲଟିଥିଲା । ସୃଷ୍ଟି ରକ୍ଷା ଉଦ୍ଦେଶ୍ୟରେ ସେହି ହଳାହଳ




> "ନମଃ ଶ୍ରୀ ପଂଚ□ବକ୍ତ୍ରାୟ ନମଃ ତ୍ରିଶୂଳ ପାଣିନି ।
> ନମୋ ନାଗେନ୍ଦ୍ରହାରାୟ ଗୃହାଣାଂ କୁସୁମାଞ୍ଜଳିଂ । ।"



ବିଷକୁ ସଂହାର କର୍ତା ହର ହର ମହାଦେବ ପାନ କରିଥିଲେ । ବିଷ ଜ୍ୱାଳାରେ ତାଙ୍କର କଣ୍ଠ ତଟ ନୀଳ ବର୍ଣ୍ଣ ଧାରଣ କରିଥିଲା । ସେଥି ପାଇଁ ତାଙ୍କର ନାମ ନୀଳକଣ୍ଠ ବୋଲି ମଧ୍ୟ ସମ୍ବୋଧନ କରାଯାଏ । ସବୁ ଦେବତା, ଗନ୍ଧର୍ବ ଆକୁଳରେ ଆଦିମାତା ଦୁର୍ଗାଙ୍କୁ ସ୍ମରଣ କଲେ । ମାତା ଦୁର୍ଗା, ଗଙ୍ଗା ରୂପରେ ଦେବଦେବ ମହାଦେବଙ୍କ ଉପରେ ଶୀତଳ ଜଳଧାରାରେ ଅଭିଷେକ କଲେ । ଏହା ଶ୍ରାବଣ ମାସରେ ହୋଇଥିଲା । ଏଥି ପାଇଁ ନିଜେ ଶିବ ଆଦିମାତାଙ୍କର ନାମ ହରଚଣ୍ଡି ରଖିଥିଲେ । ସେଥିପାଇଁ ପୁରାଣ ଗ୍ରନ୍ଥରେ ରଚନା ଅଛି, ଶିବ ଜଳରେ ସନ୍ତୋଷ ହୋଇଥାନ୍ତି । ଗଙ୍ଗାଙ୍କର ଶୀତଳ ଜଳଧାରାରେ ମହାଦେବଙ୍କର ବିଷ ଜ୍ୱାଳା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଓ ସେହି ଦିନ ଠାରୁ ଗଙ୍ଗା ଶିବଙ୍କ ଜଟାରେ ବାସ କଲେ । ଶ୍ରାବଣ ମାସରେ ଜଳଲାଗିର ପ୍ରଥା କାବ୍ୟ ତଥା ପୌରାଣିକ ଗ୍ରନ୍ଥରେ ଲିଖିତ ଥିବାର ଦେଖାଯାଇଛି । ଏହାର ଅନ୍ତରାଳରେ ଏକ କିମ୍ବଦନ୍ତୀ ଥିବାର ନଜିର ରହିଛି । ବାନର ରାଜ କେଶରୀ, ଏକ ମାୟାବୀ ରାକ୍ଷସର ମାୟାକୁ ବୁଝି ନପାରି ଯୁଦ୍ଧରେ କ୍ଷତାକ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ିଥିଲେ । ମହର୍ଷି ମାତଙ୍ଗଙ୍କ ପରାମର୍ଶ କ୍ରମେ ପ୍ରଥମେ ନାରୀ ଭାବେ ଅଞ୍ଜନା, କାଉଡ଼ିଆ ଭାର ନେଇ ଶିବଙ୍କ ମସ୍ତକରେ ଜଳଲାଗି କରି ନିଜ ସ୍ୱାମୀଙ୍କ ପ୍ରାଣ ରକ୍ଷା କରି ପାରିଥିଲେ । ସେତେବେଳର କାଉଡ଼ିଆ 'ବୋଲ୍ ବମ୍' ପ୍ରଥା ସମ୍ପୂର୍ଣ୍ଣ ଅଲଗା ଥିଲା । କାଉଡ଼ିଆ ମାନେ ଭାର ନେଇ ଯିବାର ବହୁ ପୂର୍ବରୁ ନୀତି ନିୟମ ମଧ୍ୟରେ ରହୁଥିଲେ । ନିଃସ୍ୱାର୍ଥପର ସେବା, ପରୋପକାରିତାର ଭାବନା ସଦା ସେମାନଙ୍କ ମଧ୍ୟରେ ରହୁଥିଲେ । ଏହା ଦ୍ୱାରା ନିଜର ତଥା ପରିବାରର ଉପକାର ସାଧନ ହେଉଥିବାର ବିଶ୍ୱାସ ସେମାନଙ୍କର ରହୁଥିଲା । ଭାରକୁ ଭୂମିରେ ନରଖି ବୃକ୍ଷର ଡାଳ, କାଷ୍ଠ କିମ୍ବା ଧାତୁ ନିର୍ମିତ ଷ୍ଟାଣ୍ଡରେ ରଖୁଥିଲେ । ଝାଡ଼ା, ପରିସ୍ରାଦି ଗଲେ, ପୁନର୍ବାର ସ୍ନାନ କରି ସୂଚୀମନ୍ତ ହେଉଥିଲେ । କିନ୍ତୁ, ବର୍ତମାନର ବୋଲ୍ ବମ୍ ପ୍ରଥା ସମ୍ପୂର୍ଣ୍ଣ ନିଆରା । ଭକ୍ତି ନାମରେ ଏକ ପ୍ରହସନ କରା ଯାଉଅଛି । ପୁରାଣ ଶାସ୍ତ୍ର କହେ- ଭାରତବର୍ଷରେ ପ୍ରାୟ ୧୨ଟି ସ୍ଥାନରେ ଜ୍ୟୋତିର୍ଲିଙ୍ଗ ରହିଛି । ଯଥା- ୧.ସୋମନାଥ, ୨. ମଲ୍ଲିକାର୍ଜୁନ, ୩. ଓଁକାରେଶ୍ୱର, ୪. କାଶି ବିଶ୍ୱନାଥ, ୫. ତ୍ର୍ୟମ୍ବକେଶ୍ୱର, ୬. ରାମେଶ୍ୱର, ୭. ଭୀମେଶ୍ୱର, ୮. ମହାକାଳେଶ୍ୱର, ୯. ହଟକେଶ୍ୱର, ୧୦. ମଙ୍ଗେଶ୍ୱର, ୧୧. କେଦାରନାଥ ଓ ୧୨. ବୈଦ୍ୟନାଥ ଇତ୍ୟାଦି ଶୈବ ପୀଠମାନଙ୍କରେ ବେଶି ଭିଡ଼ ଜମିଥାଏ । ସେହିପରି ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମ ସେତୁବନ୍ଧ ପ୍ରତିଷ୍ଠା କରିବା ପୂର୍ବରୁ ସମୁଦ୍ରତଟରେ ବାଲୁକାର ଏକ ଶିବଲିଙ୍ଗ ନିର୍ମାଣ କରି ପୂଜା କରିଥିଲେ । ତାହାର ନାମ ରାମେଶ୍ୱର ଥିଲା । ପ୍ରଭୁଙ୍କ କହିବା ଅନୁସାରେ ରାମସ୍ୟ ଈଶ୍ୱର-ଯଥା ରାମେଶ୍ୱରଃ । ଏ କଥା ସମ୍ବନ୍ଧରେ ମାତା ପାର୍ବତୀ ମହାଦେବଙ୍କୁ ପଚାରିଥିଲେ-ପ୍ରଭୁ ଶ୍ରୀରାମ ଆପଣଙ୍କୁ ତାଙ୍କର ଆରାଧ୍ୟ ଭାବେ ପୂଜା କରି ଆପଣଙ୍କ ନାମ ରାମେଶ୍ୱର ରଖିଲେ ଓ ଆପଣଙ୍କୁ ତାଙ୍କର ଈଶ୍ୱର ଭାବେ ଅଭିହିତ କଲେ । ହେଲେ, ଦେବ ଦେବ ମହାଦେବ ଉ□ରରେ କହିଥିଲେ- ତାହା ଭୁଲ୍, ରାମେଶ୍ୱରର ଅର୍ଥ ହେଉଛି ରାମ ଯସ୍ୟ ଈଶ୍ୱର । ସେହିପରି ଓଡ଼ିଶାର ଚନ୍ଦନେଶ୍ୱର, ଆଖଣ୍ଡଳମଣି, ଲଡ୍ଡୁବାବା, ଗୋରଖନାଥ, ଲୋକନାଥ, ଧବଳେଶ୍ୱର, ଲିଙ୍ଗରାଜ, କପିଳାସ, ହରିଶଙ୍କର, ପଂଚ□ଲିଙ୍ଗେଶ୍ୱର, ଗୁପ୍ତେଶ୍ୱର ପ୍ରଭୃତି ପ୍ରଖ୍ୟାତ ଶୈବ ପୀଠକୁ ଛାଡ଼ି ନିଜ ନିଜ ଅଂଚଳର ଶୈବପୀଠମାନଙ୍କରେ ଶ୍ରଦ୍ଧାରୁ ବୋଲବମ ଭକ୍ତମାନେ ଜଳଲାଗି କରିଥାନ୍ତି । ଶ୍ରାବଣର ଝିପି ଝିପି ବର୍ଷା ସାଙ୍ଗକୁ ଘଡ଼ଘଡ଼ି ବିଜୁଳି ସହ ତାଳ ଦେଇ କାଉଡ଼ିଆ ମାନେ



ଖାଲି ପାଦରେ ଚାଲନ୍ତି ଆଗକୁ ଆଗକୁ, ରୁଣୁଝୁଣୁ କରୁଥିବା ତାଙ୍କ ବାହୁଙ୍ଗୀକୁ କାନ୍ଧରେ ଧରି । ଜଳଲାଗିର ପ୍ରକ୍ରିୟା କିପରି ଆରମ୍ଭ ହୁଏ, ତାହା ସମ୍ବନ୍ଧରେ କିଛି । କାଉଡ଼ି ଅର୍ଥ-ବାଉଁଶ ବତାରେ ନିର୍ମିତ ବାହୁଙ୍ଗୀ । ଏହି ବାହୁଙ୍ଗୀରେ ଶିକା ବାନ୍ଧି ସେଥିରେ ପବିତ୍ର ଜଳରେ ପୂର୍ଣ୍ଣ କଳସ ରଖି କାନ୍ଧରେ ଭାର ପରି ବୋହି ନେଉଥିବା ଭକ୍ତକୁ କାଉଡ଼ିଆ କୁହାଯାଏ । କାଉଡ଼ିଆମାନଙ୍କର ଜାତି ପ୍ରଥା, ପୁରୁଷ ସ୍ତ୍ରୀ, କନ୍ୟା ବାଳୁତ, ଯୁବକ କିଶୋର, ବୃଦ୍ଧ ବୃଦ୍ଧା, କୌଣସି ଅବସ୍ଥାକୁ ଖାତିର ନଥାଏ । ସମସ୍ତ ଭକ୍ତ ଏହି ପବିତ୍ର ମାସରେ ଶିବଙ୍କ ଠାରେ ଜଳାଭିଷେକ କରି ତୃପ୍ତ ହେବା ସହ ମନଷ୍କାମନା ପୂର୍ଣ୍ଣ କରିଥାନ୍ତି । ଏହାର ନୀତି ନିୟମକୁ ଦେଖିବା । ଦୂର ସ୍ଥାନ ହୋଇଥିଲେ ଦୁଇରୁ ତିନି ଦିନର ରାସ୍ତାକୁ ଅନୁମାନ କରି ସେହି ଅନୁସାରେ ଭକ୍ତମାନେ ପ୍ରାତଃରୁ ସୁବିଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ନଦୀ ତଟରେ ଗୋମୟ ଏବଂ ଗଙ୍ଗାଜଳରେ ପବିତ୍ର କରାଇ ବାଲୁକାରେ ଶିବ ଲିଙ୍ଗ, ସର୍ପ, ତ୍ରିଶୂଳ ଆଦି ପ୍ରତିମା ପ୍ରସ୍ତୁତ କରି, ଦୀପ ଜାଳ. ଚୂନା ଗାର ଟାଣି ମଙ୍ଗଳ ବାକ୍ୟ ଉଚ୍ଚାରଣ କରି ଶ୍ରଦ୍ଧାଳୁ ଭକ୍ତ ତଥା କାଉଡ଼ିଆ ମାନଙ୍କର ନାମ ଗୋତ୍ର ରାଶି ଉଚ୍ଚାରଣ କରି ବିଧିବଦ୍ଧ ପୂଜାର୍ଚ୍ଚନା କରି କଳସ, ଗୁଆ, କଉଡ଼ି, କଏନ ଆଦି ପକାଇ ଷଡ଼ପତ୍ର ବିଶିଷ୍ଟ ଆମ୍ବଡାଳ, ପଇଡ଼ ବା ନାରିକେଳକୁ ରଡ଼ା ସୂତା ଓ କପଡ଼ା ଦ୍ୱାରା ପରିବେଷ୍ଟିତ କରି ବେଲପତ୍ର, ଧଣ୍ଡାହାର, ଅରଖ ହାରରେ ସୁସଜ୍ଜିତ କରନ୍ତି । ଶିବଙ୍କ ପ୍ରତିମାକୁ ଧୂପ, ଦୀପ, ନୈବେଦ୍ୟ ଦେଇ କପୂର ଆରତି କରି ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଧାଡ଼ିରେ ଠିଆ କରାଇ ତାଙ୍କ କାନ୍ଧରେ ବାହୁଙ୍ଗୀ ଭାରକୁ ଦେଇ ଶିବ ଷଡ଼ାକ୍ଷରୀ ମନ୍ତ୍ର ଗାଇ ଗନ୍ତବ୍ୟ ସ୍ଥଳାଭିମୁଖୀ କରାନ୍ତି । କାଉଡ଼ିଆଙ୍କ ବେଶଭୂଷା-ସାଧାରଣତଃ ବୋଲବମ କାଉଡ଼ିଆ ଭକ୍ତମାନେ ଗୈରିକ ବସନ, ଓଡ଼ିଆ, ହିନ୍ଦୀ, ବଙ୍ଗଳା ଲେଖା ଥିବା ପଟି ମୁଣ୍ଡରେ, ହାତରେ ବାନ୍ଧିବା ସହ ଓଁ ନମଃ ଶିବାୟ ଲେଖାଥିବା ଗାମୁଛା କାନ୍ଧରେ ପକାନ୍ତି । ବିଭିନ୍ନ ରଂଗର ଧଡ଼ି, ବାଘଛାଲ, ମୃଗଛାଲ ଚିତ୍ରିତ ଥିବା କମଳା ରଂଗର ସାର୍ଟ, ପ୍ୟା□, ଧୋତି, ଗଞ୍ଜି, ବ୍ୟାନିୟନ ଆଦିଦ୍ୱିଧ୍ୟ ପିନ୍ଧିଥାନ୍ତି । ଅଂଟାରେ ଗେରୁଆ ରଂଗର ବଟୁଆ, ଯେଉଁଥିରେ ଟଙ୍କା, ଗଞ୍ଜେଇ, ଚିଲମ, ସିଗାରେଟ, ବିଡ଼ି, ଭାଙ୍ଗ ଇତ୍ୟାଦି ଶିବଙ୍କର ଛପା ଓଁକାର ସ୍ୱସ୍ତିକ ଆଦି ବେକ ବାହୁ, ଅ□ା ମଥାରେ ସୁସଜ୍ଜିତ ହୋଇଥାନ୍ତି । ବାହୁଙ୍ଗୀରେ ସୁନ୍ଦର ହଳଦିଆ ଗେରୁଆ ବା ଧଳା ରଙ୍ଗର କପଡାକୁ ଗୁଡାଇ ଆଲପିନ କ□ା ମାରି ସୁନ୍ଦର ସୁନ୍ଦର ଲେସ କପଡା ଲଗା ଯାଇଥାଏ । ସେଥିରେ ହାତୀ ଶୁଣ୍ଢ, ବଂଶୀ, ଫିତା, ଫୁଲ, ଘୁଙ୍ଗୁର, ନାଗ, ଧୂପଦାନୀ, ଶିବଲିଙ୍ଗ, ଓଁକାର, ଅର୍ଦ୍ଧନାରୀଶ୍ୱର ମୂର୍ତି, ବିଭିନ୍ନ ରଂଗର ବ୍ୟାଟେରୀ ଚାଳିତ ଲାଇଟ ଲଗାଯାଇ ତାହାକୁ ସୁଶୋଭିତ କରା ଯାଇଥାଏ । କାଉଡ଼ିଆମାନେ ଦଳ ଦଳ ହୋଇ ରାସ୍ତାରେ ଯାଉଥିବା ବେଳେ ସେମାନଙ୍କ ଦିଗରୁ ଭାସି ଆସୁଥିବା ପବିତ୍ର ଶବ୍ଦରେ ଆକର୍ଷିତ ହୋଇ ରାସ୍ତାର ଦୁଇ ପାଖରେ ସ୍ଥାନୀୟ ଲୋକେ ସେମାନଙ୍କୁ ଦେଖିବାକୁ ଉତ୍କଣ୍ଠାର ସହ ଠିଆ ହୋଇଥାନ୍ତି । କିନ୍ତୁ, ବର୍ତମାନ ସେଥିରେ ବ୍ୟତିକ୍ରମ କରୁଛନ୍ତି କିଛି ଯୁବପିଢୀର ଭକ୍ତ । ଉଚ୍ଛୃଙ୍ଖଳିତ ଭାବେ ଶିବଙ୍କର ନାମ, ଭଜନ ତଥା ଆଧୁନିକତା ଭାବଭଙ୍ଗୀର ଗୀତ ଗାଇ ସେମାନେ ରାସ୍ତାରେ ଯିବା ବେଳେ ଅନ୍ୟମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାକୁ ମଧ୍ୟ ପଛାନ୍ତି ନାହିଁ । ସାଧାରଣତଃ କାଉଡ଼ିଆ ମାନେ ବୋଲ ବମ୍, ହରହର ବମ୍..., ଭୋଲେ ବାବା ପାର କରେଗା... , ଜଟିଆ ବାବା ପାର କରେଗା..., ପାର୍ବତୀ ପତି ପାର କରେଗା..., ଗଣେଶ ପିତା ପାର କରେଗା..., କାର୍ତିକ ପିତା ପାର କରେଗା... ଆଦି ଗାଇ ଗାଇ ଚାଲୁଥିବା ବେଳେ ଆଜିର କାଉଡ଼ିଆମାନେ ଗଞ୍ଜେଇ ଟାଣି ଶୋଇଛି ବାବା, ମିସ୍ କଲ୍ ମାରି ଉଠାଇ ଦେବା... ପରି ସଂଗୀତ ଗାଇଥାନ୍ତି । ଅସାମାଜିକ ଶବ୍ଦ ଉଚ୍ଚାରଣ କରିବା ଦ୍ୱାରା ବୋଲବମ ଶୈବ ଭକ୍ତର ପୁଣ୍ୟହାନୀ ହେବା ସହ ପୌରାଣିକ ଏହି ପରମ୍ପରାର କୀର୍ତି କ୍ଷୂର୍ଣ୍ଣ ହେଉଛି ବୋଲି ସେମାନେ ଭୁଲି ଯାଉଛନ୍ତି । ଗନ୍ତବ୍ୟ ସ୍ଥଳରେ ପହଂଚିବା ପୂର୍ବରୁ ବାଟରେ ମାରୱାଡ଼ି, ସ୍ୱଚ୍ଛାସେବୀ, ଯୁବକ ସଂଘର ସଦସ୍ୟ, ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ଦ୍ୱାରା ଅନ୍ନ ପ୍ରସାଦ, ଜଳପାନ, ଔଷଧ ଓ ସେବା ସୁଶ୍ରୁଷାର ବ୍ୟବସ୍ଥା କରା ଯାଇଥାଏ । ସାମ୍ପ୍ରତିକ ସମୟରେ ବୋଲବମ୍ ଭକ୍ତମାନଙ୍କ ସଂଖ୍ୟାରେ ଆଶାତୀତ ବୃଦ୍ଧି ଘଟିଥିବାରୁ ସରକାରଙ୍କ ତରଫରୁ ମଧ୍ୟ ସ୍ଥାନେ ସ୍ଥାନେ ସାମୟିକ ଚିକିତ୍ସାଳୟ, ସେବା କେନ୍ଦ୍ର ଓ ଉଦ୍ଧାରକାରୀ କେନ୍ଦ୍ର ଖୋଲା ଯାଇଛି । କାଉଡ଼ିଆମାନେ ଶୁଦ୍ଧ ନିରାମିଷ ଶାକାହାରୀ ଭୋଜନ କରିଥାନ୍ତି । ମନରେ ଅତୁଟ ଭକ୍ତି, ଦୃଢ ବିଶ୍ୱାସ ଏବଂ ଅଶେଷ ମାନସିକ ନେଇ ଶିବଙ୍କ ଜଳଲାଗି ପାଇଁ ବାହାରି ପଡନ୍ତି ପ୍ରଖ୍ୟାତ ଶୈବପୀଠମାନଙ୍କୁ । ରାସ୍ତାରେ ଯାଉଥିବା ବୋଲବମ୍ ଭକ୍ତମାନେ ଏବେ ପ୍ରଚୁର ମାତ୍ରାରେ ମଦ, ଗଞ୍ଜେଇ ଓ ଭାଙ୍ଗ ଆଦି ମାଦକ ଦ୍ରବ୍ୟ ସେବନ କରୁଥିବାରୁ ଭାରସାମ୍ୟ ହରାଇ କେବେ କେବେ ଦୁର୍ଘଟଣାର ଶିକାର ହେଉଥିବା ଏବଂ କେଉଁଠି ମା' ଭଉଣୀ ମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଗ୍ରାମବାସୀଙ୍କ ଦ୍ୱାରା ଅଟକ ରହୁଥିବାର ଦେଖାଯାଉଛି । ଅତ୍ୟଧିକ ଭିଡ ପରିଲକ୍ଷିତ ହେଉଥିବା ଶୈବପୀଠମାନଙ୍କରେ ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସମେତ ପୋଲିସ ମଧ୍ୟ ମୁତୟନ କରା ଯାଉଅଛି । ଜଳଲାଗି କରିବା ପରେ ଭକ୍ତମାନେ ଠାକୁରଙ୍କ ପାଖରେ ଭୋଗ ଲଗାଇ ଘରକୁ ପ୍ରସାଦ ନେଇ ଫେରିଥାନ୍ତି । ସର୍ବୋପରି ଆମର ପ୍ରାଚୀନ ପରମ୍ପରାକୁ ଦୃଷ୍ଟିରେ ରଖି ବୋଲବମ ଶ୍ରଦ୍ଧାଳୁ ମାନେ ନିଜ ନିଜର ମନଷ୍କାମନା ପୂରଣ ପାଇଁ ଶ୍ରାବଣ ମାସର ଏ ଜଳଲାଗି ଉତ୍ସବକୁ ବୋଲ୍ ବମ୍ ବା କାଉଡ଼ିଆ ମାନଙ୍କର ଉତ୍ସବ ବା ପରମ୍ପରାଗତ ପର୍ବ ରୂପେ ପାଳନ କରି ଆସୁଛନ୍ତି । ପ୍ରତ୍ୟେକ ଭକ୍ତ ଏହି ପବିତ୍ର ପ୍ରଥାକୁ କଳୁଷିତ ନ କରିବାକୁ ଯତ୍ନବାନ ହେବା ଉଚିତ ବୋଲି ଏହି ଆଲେଖ୍ୟ ମାଧ୍ୟମରେ ନିବେଦନ କରା ଯାଉଅଛି ।

*ପଧାନପଡ଼ା, ଭଦ୍ରକ, ମୋ-୭୫୦୪୪୨୪୬୦୧*

## ଶକ୍ତିପୀଠ ଧବଳେଶ୍ୱର

◆ ତ୍ରିନାଥ ଓଝା

କଟକ ସହର ଠାରୁ ଅନତିଦୂରେ ମହାନଦୀ ମଧ୍ୟସ୍ଥ ଅନନ୍ତ ବାସୁଦେବ କୁଦରେ ଧବଳେଶ୍ୱର ମହାଦେବ ମନ୍ଦିର ଅବସ୍ଥିତ । ଏକଦା ମନ୍ଦିରଟି ସ୍ଥଳପଥ ସହ ସଂଯୁକ୍ତ ଥିଲା । ମହାନଦୀର ଉତରପଟୁ ସେଠାକୁ ଆସି ହେଉଥିଲା । ଜୋବ୍ରାରେ ବନ୍ଧ ତିଆରି ବେଳେ ସୃଷ୍ଟି ହୋଇଥିବା ଜଳଧାର ଯୋଗୁଁ ମଂଚେଶ୍ୱର ଠାରୁ ଧବଳେଶ୍ୱର ଅଲଗା ହୋଇଥିଲା । ଧବଳେଶ୍ୱର ମନ୍ଦିର କେବେ, କାହା ଦ୍ୱାରା ତିଆରି ହୋଇଥିଲା, ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ ହୋଇ ନାହିଁ । ଦଶମ ଶତାବ୍ଦୀରେ ଦାକ୍ଷିଣାତ୍ୟରୁ ଆସିଥିବା ଶୈବ ରାଜା ନରେନ୍ଦ୍ର ଧବଳ ଓଡ଼ିଶାରେ ଧବଳ ରାଜବଂଶ ପ୍ରତିଷ୍ଠା କରି ଥିଲେ । ଧବଳବଂଶୀ ରାଜା ମାନେ ଭଞ୍ଜବଂଶୀ ରାଜା ମାନଙ୍କର ସମସାମୟିକ ଏବଂ ଭୌମକର ରାଜବଂଶ ଅଧୀନରେ ଶାସନ କରୁଥିଲେ । ସେମାନଙ୍କର ରାଜ୍ୟକୁ ଧଳଭୂମି କୁହାଯାଉଥିଲା । ତମପଡ଼ାର ଧଳ ଉପାଧି ଧାରୀ ରାଜାମାନେ ଧବଳବଂଶୀ । ଧବଳେଶ୍ୱର ମନ୍ଦିର ସମ୍ଭବତଃ ସେମାନଙ୍କ ଦ୍ୱାରା ନିର୍ମିତ । ଧବଳେଶ୍ୱରର ଲିଙ୍ଗ କଳା ଓ ଧଳା ରଙ୍ଗର ମିଶ୍ରଣ । କିମ୍ବଦନ୍ତୀ ଅନୁଯାୟୀ, ଜଣେ ଦରିଦ୍ର ଲୋକ କାଳୀ ଗାଇଟିଏ ଚୋରିକରି ନେଇଯାଉଥିଲେ । ଲୋକେ ଗୋଡ଼ାଇବାରୁ ବିପଦରୁ ଉଦ୍ଧାର ପାଇବା ପାଇଁ ସେ ଧବଳେଶ୍ୱର ପୀଠରେ ମହାଦେବଙ୍କୁ ପ୍ରାର୍ଥନା କରିଥିଲା । ମହାଦେବ ଗାଇଟିକୁ ଧଳା କରିଦେଇଥିଲେ । ତେଣୁ ଲିଙ୍ଗର ରଙ୍ଗ ମିଶ୍ରିତ । ସର୍ବତ୍ର ଶିବଲିଙ୍ଗ ପୂର୍ବାଭିମୁଖୀ କେବଳ ଧବଳେଶ୍ୱରରେ ତାହା ପଶ୍ଚିମାଭିମୁଖୀ । ପୁଣି ସାଧାରଣତଃ ଶିବ ମନ୍ଦିର ମାଳୀ ସଂପ୍ରଦାୟ ଦ୍ୱାରା ପୂଜିତ ହେଉଥିଲେ ହେଁ ଧବଳେଶ୍ୱରରେ ପୂଜକ ବ୍ରାହ୍ମଣ । ବଡ଼ଓଷା ବେଳେ ଧବଳେଶ୍ୱରକୁ ପ୍ରବଳ ଜନସମାଗମ ହୁଏ ।



ଧବଳେଶ୍ୱରଙ୍କ ମହିମା ମୋ ଜୀବନ ପାଇଁ ଅତ୍ୟନ୍ତ ଉଲ୍ଲେଖନୀୟ । ପ୍ରଭୁ ଧବଳେଶ୍ୱରଙ୍କୁ ନାଗେଶ୍ୱର ରୂପରେ ଧବଳେଶ୍ୱରଗଡ଼ା ଠାରେ ଏକ ଅଶ୍ୱତ ବୃକ୍ଷ ମୂଳେ ଆଜିକୁ ଷୋହଳ ବର୍ଷ ହେଲା ଗାଦିବ୍ରହ୍ମ ଭାବେ ପୂଜା କରୁଛି । ପ୍ରଭୁଙ୍କ ମହିମା ଓ କୃପାର ଆଶୀର୍ବାଦ ଅନେକ ଲୋକ ପ୍ରାପ୍ତ ହେଉଛନ୍ତି । ପ୍ରଭୁ ପ୍ରତିଟି ଲୋକ ଚରିତ୍ର ଭିତରେ ସମାଜର ସେବା ପାଇଁ ବାପା-ମାଆଙ୍କ ଆଶୀର୍ବାଦ ପ୍ରାପ୍ତ ହେବା ପାଇଁ କୃପା ପ୍ରାର୍ଥନା କରୁଛି ।



*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ : ୯୨୩୮୬୦୨୮୨୫*

## ଶୈବପୀଠ କେଦାରନାଥ

ହିନ୍ଦୁ ଧର୍ମ ଓ ପୁରାଣ ଶାସ୍ତ୍ରରେ ସବୁଠି ଦେଖିବାକୁ ମିଳେ ହିମାଳୟର ଗୁରୁତ୍ୱ । ହିମାଳୟର ଘଂଚ ଅରଣ୍ୟାନୀ, ଶୃଙ୍ଗସବୁ ଅନେକ ହିନ୍ଦୁ ଦେବଦେବୀଙ୍କ ପୀଠ ଭାବେ ବିଚାରର କରାଯାଏ । ଭଗବାନ ଶିବଙ୍କ ସ୍ଥାନ ତ କୈଳାସ ପର୍ବତ ଯାହାକି ହିମାଳୟ ପର୍ବତର ଶିଖର ଦେଶ । ପୁଣି ଖୋଦ୍ ହିମାଳୟ ହେଉଛି ଦେବୀ ପାର୍ବତୀଙ୍କ ପିତୃଗୃହ, ଅର୍ଥାତ୍ ଶିବଙ୍କ ଶ୍ୱଶୁରାଳୟ । ତା'ଛଡ଼ା ପୁରାଣ ଅନୁସାରେ ଅପ୍ସରା, ବିଦ୍ୟାଧର, ଯକ୍ଷ, ଗନ୍ଧର୍ବ, କିନ୍ନରମାନେ ମଧ ରହନ୍ତି ହିମାଳୟରେ । ସୁନ୍ଦର ବୃକ୍ଷରାଜି ଶୋଭିତ ହିମାଳୟର ଉତୁଙ୍ଗ ଶିଖରକୁ ଧ୍ୟାନ ଓ ତପସ୍ୟା ସ୍ଥଳ ଭାବେ ବାଛିଥାନ୍ତି ମୁନିଋଷି ଓ ସନ୍ନ୍ୟାସୀମାନେ । ଏହି ହିମାଳୟ ଅଂଚଳରେ ରହିଛି ପବିତ୍ର ଧର୍ମପୀଠ ବଦ୍ରିନାଥ, କେଦାରନାଥ, ଅମରନାଥ । କେଦାରନାଥ ଶୈବପୀଠ ଅବସ୍ଥିତ ସମୁଦ୍ର ପତନଠାରୁ ୩୩୦୦ ମିଟର ଉଚ୍ଚରେ ବଦ୍ରିନାଥ ଯିବା ରାସ୍ତାରେ । ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରର ମୂର୍ତି ହେଉଛନ୍ତି ପଥରର ଏକ ତ୍ରିକୋଣ ଜ୍ୟୋତିର୍ଲିଙ୍ଗ । ଦ୍ୱାପର ଯୁଗରେ ନିଜର ଆତ୍ମୀୟ ସମ୍ପର୍କୀୟଙ୍କ ନିଧନ ଜନିତ ପାପ ଧୌତ ନିମନ୍ତେ



ମହାଭାରତ ଯୁଦ୍ଧ ବିଜୟୀ ପାଣ୍ଡବ ମାନେ ଭଗବାନ ବିଶ୍ୱେଶ୍ୱରଙ୍କ ଦର୍ଶନ ନିମନ୍ତେ ହିମାଳୟକୁ ଯାଇଥିଲେ । ରୁଦ୍ରପୟାଗଠାରୁ ପାଣ୍ଡବ ମାନେ ଗୌରୀକୁଣ୍ଡ ପର୍ଯ୍ୟନ୍ତ ଯାଇ ଭଗବାନ ଶଙ୍କରଙ୍କୁ ଖୋଜିବାରେ ଲାଗିଲେ । ଏହି ସମୟରେ ନକୁଳ ଓ ସହଦେବ ଏକ ବିଚିତ୍ର ମଇଁଷିକୁ ଦେଖିଲେ । ଗଦା ଧରି ଭୀମ ମଇଁଷି ପଛରେ ଦୌଡ଼ିଲେ, କିନ୍ତୁ ଧରି ପାରିଲେନି । ତେଣୁ ଗଦାରେ ପିଟିଦେଲେ । ମଇଁଷିଟି ତା'ର ମୁହଁକୁ ପଥର ଫାଙ୍କରେ ଲୁଚାଇଦେଲା । ଭୀମ ତା'ର ଲାଞ୍ଜକୁ ଟାଣି ବାହାର କଲା ବେଳକୁ ମୁଣ୍ଡଟି ଛିଣ୍ଡି ନେପାଳରେ ପଡ଼ିଲା । ନେପାଳର ଭକ୍ତପୁରରେ ପ୍ରତିଷ୍ଠା ହେଲେ ଡୋଳେଶ୍ୱର ମହାଦେବ । ମଇଁଷିର ଶରୀର ଯେଉଁଠାରେ ପଡ଼ିଲା ସେଠାରୁ ଆବିର୍ଭୁତ ହେଲେ ଜ୍ୟୋତିର୍ଲିଙ୍ଗ ଏବଂ ଦେଖାଦେଲେ ଭଗବାନ ଶଙ୍କର । ତାଙ୍କର ଦର୍ଶନ କରି ପାଣ୍ଡବ ମାନେ ପାପ ଧୌତ କଲେ । ଭଗବାନ ଶଙ୍କର କହିଲେ ସେହିଠାରେ ସେ ତିନିକୋଣ ବିଶିଷ୍ଟ ଜ୍ୟୋତିର୍ଲିଙ୍ଗ ଭାବେ ପୂଜା ପାଇବେ । ସେବେଠାରୁ କେଦାରନାଥଙ୍କ ଦର୍ଶନରେ ମୁକ୍ତି ମିଳେ ଏବଂ ସମସ୍ତ ଦୁଃଖକଷ୍ଟ ଦୂର ହୋଇଯାଏ ।

⧗ ⧗ ⧗






# ପିଏମ୍ ଶ୍ରୀ ଜେଏନ୍ଭି ଗୁରୁଜଙ୍ଗରେ ୫୩ତମ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

ଖୋର୍ଦ୍ଧା : (ହି.ସ.) - ଗୁରୁଜଙ୍ଗସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ୫୩ତମ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ (ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ) କଟକ କ୍ଲଷ୍ଟର ସଫଳତାର ସହ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶାର ବିଭିନ୍ନ ଜବାହର ନବୋଦୟ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଉତ୍ସାହଭରା ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଉତ୍ସବମୁଖର କରିଥିଲା ।ଏହି ପ୍ରଦର୍ଶନୀରେ କଟକ କ୍ଲଷ୍ଟରର ୧୫ଟି ଜେଏନ୍ଭିରୁ ମୋଟ ୯୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଜ୍ଞାନ, ଗଣିତ ଓ ପରିବେଶ ସମ୍ବନ୍ଧୀୟ ନବୀନ ମଡେଲ ଓ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏହି ଆୟୋଜନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସୃଜନଶୀଳତା ଏବଂ ସମସ୍ୟା ସମାଧାନ କୌଶଳର ବିକାଶ ପାଇଁ ଏକ ଉତ୍କୃଷ୍ଟ ମଂଚ ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମକୁ ଆଂଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରର ସହକାରୀ ଆୟୁକ୍ତ ଶ୍ରୀ ଏନ୍. ସି. କର ଉଦ୍ଘାଟନ କରିଥିଲେ । ସେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ପ୍ରୟାସକୁ ପ୍ରଶଂସା କରି ବୈଜ୍ଞାନିକ ଉଦ୍ଭାବନ ଓ ସ୍ଥାୟୀ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧକ୍ଷ ଶ୍ରୀ ଏନ୍. ସି. ଚକ୍ରଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ପ୍ରଦର୍ଶନୀରେ ନିମ୍ନଲିଖିତ ସାତଟି ପ୍ରମୁଖ ବିଷୟବସ୍ତୁ ଅନ୍ତର୍ଭୁକ୍ତ ଥିଲା ସ୍ଥାୟୀ କୃଷି ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପ,- ସବୁଜ ଶକ୍ତି, ଉଦୀୟମାନ, ପ୍ରଯୁକ୍ତିବିଦ୍ୟ, ମନୋରଞ୍ଜନାତ୍ମକ ଗାଣିତି, ମଡେଲିଂ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା,ଜଳ ସଂରକ୍ଷଣ ଓ ପରିଚାଳନା ଆଦି ବିଷୟବସ୍ତୁ ଅନ୍ତର୍ଭୁକ୍ତ ଥିଲା ଏହା ସହିତ ସମକାଳୀନ ବୈଜ୍ଞାନିକ ଓ ପରିବେଶ ସମସ୍ୟା ଉପରେ ଛାତ୍ରଛାତ୍ରୀଙ୍କ ଚିନ୍ତାଧାରା ପ୍ରକାଶ ପାଇଁ ଏକ ସେମିନାର ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା ।ପ୍ରଦର୍ଶିତ ମଡେଲ ଓ ସେମିନାର ଉପସ୍ଥାପନାଗୁଡ଼ିକୁ ପି.ଏନ୍. କଲେଜ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏଡିଇଓ ବୌଦ୍ଧ ସହ ଅନ୍ୟାନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ମୂଲ୍ୟାୟନ କରିଥିଲେ । କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଏସ୍. କେ. ସାହୁ, ପିଜିଟି ପଦାର୍ଥ ବିଜ୍ଞାନ ଓ ଏଚ୍. ଏସ୍. ବେହେରା, ପିଜିଟି ରସାୟନ ବିଜ୍ଞାନ ସମନ୍ୱୟକ ଭାବେ ଦାୟିତ୍ୱ ପାଳନ କରିଥିବା ବେଳେ ସାମଗ୍ରିକ ସମନ୍ୱୟ ଜେ. ଏସ୍. ମହାଳିକ, ପିଜିଟି ଇଂରାଜୀ ସୁଚାରୁ ଭାବେ ସମ୍ପାଦନ କରି ଥିଲେ । ଛାତ୍ରଛାତ୍ରୀ, ଶିକ୍ଷକ, ବିଚାରକ, ଏସ୍କର୍ଟ ଷ୍ଟାଫ୍ ଓ ସ୍ୱେଚ୍ଛାସେବକ ମାନଙ୍କର ସକ୍ରିୟ ସହଯୋଗରେ ପ୍ରଦର୍ଶନୀଟି ସଫଳତାର ସହ ସମାପ୍ତ ହୋଇଥିଲା । ଏହା ଯୁବପିଢ଼ୀଙ୍କ ମଧ୍ୟରେ ବୈଜ୍ଞାନିକ ଅନୁସନ୍ଧାନ, ଦଳଗତ କାର୍ଯ୍ୟ, ଯୋଗାଯୋଗ କୌଶଳ, ପରିବେଶ ସଚେତନତା ଓ ନବୀନ ଚିନ୍ତାଧାରାର ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି । ଶେଷରେ ପିଏମ୍ ଜେଏନ୍ଭି ଗୁରୁଜଙ୍ଗ ପକ୍ଷରୁ ଏନ୍. ସି. କର, ଆଂଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର, ସମସ୍ତ ସମ୍ମାନୀୟ ବିଚାରକ, ଅଂଶଗ୍ରହଣକାରୀ ବିଦ୍ୟାଳୟର ଅଧକ୍ଷମାନେ, ଶିକ୍ଷକ, ଏସ୍କର୍ଟ ଷ୍ଟାଫ୍, ଛାତ୍ରଛାତ୍ରୀ ଓ ଆୟୋଜନ କମିଟିର ସମସ୍ତ ସଦସ୍ୟଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଆନ୍ତରିକ କୃତଜ୍ଞତା ଜଣାଯାଇଛି ।

# ବ୍ରହ୍ମବରଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ଧର୍ମଶାଳା : (ହି.ସ.) - ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ଦିବସୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଶିସଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର ?ୟ୍ୟ ରାଜ କୁମାର କ୍ରିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ରାଜ କିଶୋର ପଣ୍ଡା,ବିଦ୍ୟା ମନ୍ଦିରର ସଭାପତି ତଥା ଶିକ୍ଷାବିତ୍ ପଂଚାନନ ରାଉତ, ଯୁଗ୍ମ ସମ୍ପାଦକ ବିରେଶ ମହାନ୍ତି, କୋଷାଧ୍ୟକ୍ଷ ସନାତନ ମଣ୍ଡଳ ଓ ସଦସ୍ୟା ପ୍ରତିମା ପାଣି ପ୍ରମଖ ଯୋଗ ଦେଇ ବିଜ୍ଞାନ ମେଳାର ଅଭିମୁଖ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ।

# ଜ୍ଞାନର ଆଲୋକରେ ପଂଚକୋଷୀୟ ବିକାଶ : ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସାପ୍ତାହିକ ସେମିନାର

ଜୟପୁର : (ହି.ସ.)- ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା (ବି.ଏଡ୍.) ବିଭାଗ ପକ୍ଷରୁ ପ୍ରତ୍ୟେକ ଶନିବାର ଆୟୋଜିତ 'ଦକ୍ଷତା ବିକାଶ କାର୍ଯ୍ୟକ୍ରମ' ଅନ୍ତର୍ଗତ ଏକ ସାପ୍ତାହିକ ସେମିନାର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଡି.ଏ.ଭି କଲେଜ ଅଫ ଟିଚର ଇଜୁକେସନ, କୋରାପୁଟର ଅଧକ୍ଷା ଡ. ଭୁବନେଶ୍ୱରୀ ମିଶ୍ର ଦୀପ ପ୍ରଜ୍ୱଳନ କରିଥିଲେ । ସେ ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ପଂଚକୋଷୀୟ ବିକାଶ'ର ବିଭିନ୍ନ ଦିଗ ଉପରେ ପ୍ରେରଣାଦାୟୀ ଓ ମୂଲ୍ୟବୋଧଭିତିକ ମତାମତ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ବି.ଏଡ୍. ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ 'ପଂଚକୋଷୀୟ ବିକାଶ'ର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ 'ବିଜ୍ଞାନମୟ କୋଷ' ଏବଂ 'ଆନନ୍ଦମୟ କୋଷ' ଉପରେ ତଥ୍ୟସମୃଦ୍ଧ ଓ ପ୍ରଭାବଶାଳୀ ଉପସ୍ଥାପନା କରିଥିଲେ । ପ୍ରସ୍ତୁତକାରୀ ଛାତ୍ରଛାତ୍ରୀମାନେ ପଂଚକୋଷୀୟ ବିକାଶର ଶିକ୍ଷାଗତ, ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧାତ୍ମିକ ଗୁରୁତ୍ୱକୁ ସୁନ୍ଦର ଭାବେ ବ୍ୟାଖ୍ୟା କରିଥିଲେ । ଏହା ସହିତ ଜାତୀୟ ଶିକ୍ଷାନୀତି–୨୦୨୦ ଅନୁଯାୟୀ ଶିକ୍ଷାରେ ସମ୍ମିଳିତ ଭାରତୀୟ ଜ୍ଞାନ ପରମ୍ପରା ସହ ପଂଚକୋଷୀୟ ବିକାଶର ସମ୍ପର୍କକୁ ମଧ୍ୟ ସ୍ପଷ୍ଟ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ୨୫ ଜୁଲାଇରେ ଆୟୋଜିତ ସେମିନାରର ବିଷୟବସ୍ତୁ ଥିଲା 'ଅନ୍ତର୍ନିବେଶୀ ଶିକ୍ଷା ଏବଂ ୧ ଅଗଷ୍ଟରେ ପଂଚକୋଷୀୟ ବିକାଶର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷ ଉପରେ ଉପସ୍ଥାପନା କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନଙ୍କ ସମେତ ଶ୍ରୀମତୀ ଅନୁପମା ମିଶ୍ର, ସୁଶ୍ରୀ ପରିଚିତା ମହାପାତ୍ର, ଶ୍ରୀମତୀ କସ୍ତୁରୀ ଆଚାର୍ଯ୍ୟ ଏବଂ ଡ. ନରେନ୍ଦ୍ର କୁମାର ମହାରଣା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତିର ସମୀକ୍ଷା କରିବା ସହ ଗଠନମୂଳକ ପରାମର୍ଶ ପ୍ରଦାନ କରିଥିଲେ । ଏପରି ସାପ୍ତାହିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭବିଷ୍ୟତ ଶିକ୍ଷକମାନଙ୍କର ଉପସ୍ଥାପନା କୌଶଳ, ବିଷୟଜ୍ଞାନ, ଗବେଷଣା ମନୋଭାବ ଓ ବୃତିଗତ ଦକ୍ଷତା ବିକାଶରେ ଏକ ସକାରାତ୍ମକ ମାଧ୍ୟମ ଭାବେ ପରିଗଣିତ ହେଉଛି ।

# କ୍ଷୀର ବ୍ୟବସାୟୀ ସାଜି ଗଞ୍ଜେଇ ଚାଲାଣ : ଧରିଲା ଅବକାରୀ ବିଭାଗ

ବଲାଙ୍ଗିର : (ହି.ସ.) ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା କୁକୁରଖାଇ ଛକରେ ଅବକାରୀ ବିଭାଗର ଚଢ଼ାଉ । କ୍ଷୀର ଜାର ଭିତରେ ଗଞ୍ଜେଇ ଭର୍ତି କରି ଦୁଇଟି ବାଇକରେ ଚାଲାଣ କରୁଥିବା ବେଳେ ତିନି ଜଣଙ୍କୁ ଧରିଛି ତୁଷୁରା ଅବକାରୀ ବିଭାଗ । ଗିରଫ ଯୁବକମାନେ ଛତିଶଗଡ଼ର ବିଳାସପୁର ଅଂଚଳର ମୋହିତ ବୈଷ୍ଣବ, ସୁରଜ ମାହାନ ଓ ରାଜୁ ବଂଶଲ ବୋଲି ଜଣାପଡ଼ିଛି । ସେମାନେ ବୌଦ୍ଧ ଜିଲ୍ଲା ଦେଉଳି ଅଂଚଳରୁ ଗଞ୍ଜେଇ ଆଣି ଛତିଶଗଡ଼କୁ ଚାଲାଣ କରୁଥିବା ସୂଚନା ମିଳିଛି । ସେମାନଙ୍କ ଠାରୁ ୪୪ କେଜି ଗଞ୍ଜେଇ, ଦୁଇଟି ବାଇକ୍ ଓ ବିଭିନ୍ନ ରାଜ୍ୟର ଗାଡ଼ି ନମ୍ବର ପ୍ଲେଟ୍ ଜବତ ହୋଇଛି । ଜବତ ଗଞ୍ଜେଇର ମୂଲ୍ୟ ୪ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଅବକାରୀ ସୁପରିଟେଣ୍ଡେଟ ଅନ୍ନପୂର୍ଣ୍ଣା ରଥ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର : (ହି.ସ.)- ବଲାଙ୍ଗୀର ଜିଲ୍ଲା ର ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଲାଙ୍ଗୀର ଠାରେ ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୂତନ ନାଏକ୍ ଙ୍କ ଅଧକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ କରାଗଲା । କାର୍ଯ୍ୟକ୍ରମରେ ଶିକ୍ଷକ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ମିଶନ ବାତ୍ସଲ୍ୟ ଯୋଜନା ଉପରେ ଆନୁଷ୍ଠାନିକ ଯତ୍ନ ଓ ଅଣ ଆନୁଷ୍ଠାନିକ ଯତ୍ନ ଉପରେ ଶିଶୁ ସୁରକ୍ଷା ଉପରେ ବିଭିନ୍ନ ଯୋଜନା ସମ୍ପର୍କରେ ଜଣାଇଥିଲେ । ଏହି ସଚେତନତା ସଭାରେ ଚାଇଲ୍ଡ ହେଲ୍ପ ଲାଇନ୍ ର ବସନ୍ତ ହରପାଲ କହିଲେ, ଅସୁରକ୍ଷିତ ଅବସ୍ଥାରେ ଥିବା ଶିଶୁ ମାନଙ୍କୁ ସୁରକ୍ଷା, ସାହାଯ୍ୟ କରିବାକୁ ଶିଶୁ ମାନଙ୍କ ନିମନ୍ତେ ଜରୁରୀ କାଳୀନ ଭିତିରେ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ ସର୍ଭିସେସ କୁ ଫୋନ୍ କରିବାକୁ ଜଣାଇଥିଲେ । ବାଲ୍ୟ ବିବାହ, ଶିଶୁ ଶ୍ରମିକ ରୋକିବାକୁ ମଧ୍ୟ ଜଣାଇଥିଲେ । କାର୍ଯ୍ୟକ୍ରମରେ ସୁଦନ ଖମାରୀ, ସୁନ୍ଦର୍ ସା, ଶୁଭମ୍ ଜେନା ଓ ଡୋଲି ସାହୁ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ନିଳାଗୁଡା ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର : (ହି.ସ.)- ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି । ଚଢଉ ଖବର ପାଇ ମଦ ମାଫିଆ ମାନେ ସେଠାରୁ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୮ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି ।

# ୧୪କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି : (ହି.ସ.)ଅବକାରୀ ମୋବାଇଲ ୟୁନିଟ , ଓର୍କେଲ ଥାନା ଅନ୍ତର୍ଗତଏମଭି ୩୭ ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ବାଲିମେଳା ପଟୁ ଗୋଟେ ମୋଟର ସାଇକେଲ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ ହେବାରୁ ଗାଡି ଅଟକାଇ ଚେକ କରିଥିଲେ । ଚେକବେଳେ ଗାଡ଼ିରେ ୧୪ କେଜି ଗଞ୍ଜାଇ ଥିବାର ଦେଖିବାକୁ ପାଇଥିଲେ। ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ସହ ମୋଟର ସାଇକେଲ କୁ ଜବତ କରାଯାଇଛି। ଚୋରା ଚାଲାଣ ରେ ସମ୍ପୃକ୍ତ ମଜୁରଲେଣ୍ଡି ଗ୍ରାମର ବିକ୍ରମ ଖିଲ କୁ ଗିରଫ କରାଯାଇଥିବାବେଳେ ସେ ଏହି ଗଞ୍ଜାଇ ଛତିଶଗଡ ର ସୁକୁମା ଅଭିମୁଖେ ନେଉଥିବାର ସ୍ୱୀକାର କରିଛି । ଏହାର ଆନୁମାନିକ ବଜାର ମୂଲ୍ୟ ୧୪୦୦୦୦ବୋଲି ଜଣା ପଡିଛି।ଏହି ଚଢାଉରେ ଇନିସ୍ପେକ୍ଟର ବିଜ୍ଞନରାଜ ଦାମୀ , ଜ୍ଞାନରଞ୍ଜନ ସାହୁ,ଦୀନବନ୍ଧୁ ସିରା , ପାଣ୍ଡୁ ଟୁଡୁ,ଚନ୍ଦନ ଚେଟି ପ୍ରମୁଖ ସାମିଲ ଥିଲେ ।

# ଜବାହର ନବୋଦୟ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ନେତୃତ୍ୟରେ ସ୍ୱଚ୍ଛତା ସଚେତନତା ଅଭିଯାନ

ନୂଆପଡ଼ା : (ହିସ)- ନୂଆପଡ଼ା ଜିଲ୍ଲାର ତରବୋଡ଼ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ (ଜେଏନଭି) ପରିସରରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନେଇ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ୍ର କୁପ୍ରଭାବ ଏବଂ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ସମ୍ପର୍କରେ ସଚେତନ କରିଥିଲେ । ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନରେ ଛାତ୍ରଛାତ୍ରୀମାନେ 'ପରିବତତନର ଦୂତ' ଭାବେ ନିଜ ପରିବାର ଓ ସମାଜକୁ ପ୍ରେରିତ କରିବାକୁ ସେ ଆହ୍ୱାନ ଦେଇଥିଲେ ।ଜିଲ୍ଲାପାଳ ବିଦ୍ୟାଳୟ କର୍ତୃପକ୍ଷ ଓ କର୍ମଚାରୀମାନଙ୍କୁ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ନିଷିଦ୍ଧ ଏକକ-ବ୍ୟବହାର ପ୍ଲାଷ୍ଟିକ୍ର ବ୍ୟବହାର ଓ ପ୍ରବେଶ ରୋକିବା, ଉତ୍ସସ୍ଥଳରୁ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ଓ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କହିଥିଲେ ।ବିଦ୍ୟାଳୟ ପରିସରକୁ ଏକ ଆଦର୍ଶ 'ଏସୟୁପି ଫ୍ରି ଏବଂ ସ୍ୱଚ୍ଛ ପରିସର' ଭାବେ ବିକଶିତ କରିବା ସହ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗ ନିଶ୍ଚିତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଏବଂ ଜିଲ୍ଲା ସ୍ୱଚ୍ଛ ସଂଯୋଜକ ଅନିଲ କୁମାର ଲେଙ୍କାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ । ସ୍ୱଚ୍ଛ ବିଦ୍ୟାଳୟ, ପ୍ଲାଷ୍ଟିକ୍ମୁକ୍ତ ପରିସର ଓ ସୁସ୍ଥ ପରିବେଶ ଗଠନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ଏହି ଅଭିଯାନରେ ବାର୍ତା ଦିଆଯାଇଥିଲା ।

# ଅଜଣା ଅସୁସ୍ଥ ବ୍ୟକ୍ତିଙ୍କୁ ଉଦ୍ଧାର କଲେ ତେଲେରାଇ ସରପଂଚ

ମାଲକାନଗିରି (ହି.ସ.)- ମାନବିକତାର ଏକ ଉଜ୍ଜ୍ୱଳ ଉଦାହରଣ ଦେଖାଇଛନ୍ତି କାଲିମେଳା ବ୍ଲକ ତେଲେରାଇ ଗ୍ରାମ ପଂଚାୟତର ସରପଂଚ ମୁତା ସୋଢ଼ି । ରାସ୍ତା କଡ଼ରେ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ଜଣେ ଅଜଣା ବ୍ୟକ୍ତିଙ୍କୁ ସେ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ୟବସ୍ଥା କରିଛନ୍ତି ।ସୂଚନା ଅନୁଯାୟୀ, ଶନିବାର ଦିନ ତେଲେରାଇ ଅଂଚଳର ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା କଡ଼ରେ ଜଣେ ମାନସିକ ରୋଗୀ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ଖବର ପାଇବା ମାତ୍ରେ ସରପଂଚ ମୁତା ସୋଢ଼ି ଘଟଣାସ୍ଥଳରେ ପହଂଚିଥିଲେ । ସେଠାରେ ବ୍ୟକ୍ତି ଜଣକ ନିର୍ଜୀବ ଅବସ୍ଥାରେ ପଡ଼ିଥିବା ଦେଖି ସରପଂଚ ନିଜେ ତାଙ୍କୁ ଉଦ୍ଧାର କରି ଅଟୋ ଯୋଗେ କାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଭର୍ତି କରିଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ବ୍ୟକ୍ତି ଜଣକ ମାନସିକ ଭାବେ ଅସୁସ୍ଥ ଥିବାରୁ ନିଜ ନାମ, ଠିକଣା କିଛି କହିପାରୁ ନାହାନ୍ତି । ଫଳରେ ଏ ପର୍ଯ୍ୟନ୍ତ ତାଙ୍କର ପରିଚୟ ମିଳିପାରି ନାହିଁ । ତେବେ ସରପଂଚଙ୍କ ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଅଂଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି । ବ୍ୟକ୍ତି ଜଣକୁ ଯଦି କେହି ଚିହ୍ନି ପାରୁଥାନ୍ତି ତେବେ ତେଲେରାଇ ସରପଂଚ ମୁତା ସୋଢ଼ି କିମ୍ବା କାଲିମେଳା ସି.ଏଚ.ସି କର୍ତୃପକ୍ଷଙ୍କ ସହ ତୁରନ୍ତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଖଡ଼ିଆଳ ଥାନା ପକ୍ଷରୁ ରକ୍ତଦାନ ଶିବିର: ୬୦ ୟୁନିଟ୍ ରକ୍ତ ସଂଗ୍ରହ

ନୂଆପଡ଼ା :(ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ପକ୍ଷରୁ ଶନିବାର ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ନୂଆପଡ଼ା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ । ଖଡ଼ିଆଳ ଏସ୍ଡିପିଓ ଉପେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ଖଡ଼ିଆଳ ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଡା. ପ୍ରବୀଣ ମେହେର, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଓ ସଞ୍ଜୟ ତିୱାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାଏକ, ବୋଡ଼େନ ଥାନା ଅଧିକାରୀ ଧର୍ମେନ୍ଦ୍ର ଭୁଏ, ସହକାରୀ ଥାନା ଅଧିକାରୀ ପ୍ରତିମା ଡୁଙ୍ଗଡୁଙ୍ଗ ଓ ଏସଆଇ ଅଶୋକ କୁମାର ବିହାରୀଙ୍କ ସମେତ ପୁଲିସ କର୍ମଚାରୀମାନେ ପରିଚାଳନା କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅଜିତ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଗାୟତ୍ରୀ ପଣ୍ଡା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ପ୍ରେରଣା ଦେଇଥିଲେ । ପୁଲିସ କର୍ମଚାରୀଙ୍କ ସମେତ ସହରର ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଶିବିରରେ ରକ୍ତଦାନ କରିଥିଲେ । ଶିବିରରୁ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । । ରକ୍ତଦାତାମାନଙ୍କୁ ଆୟୋଜକଙ୍କ ପକ୍ଷରୁ ମାନପତ୍ର ପ୍ରଦାନ ସହ ଧନ୍ୟବାଦ ଜଣାଯାଇଥିଲା । ଆବଶ୍ୟକ ସମୟରେ ରକ୍ତ ଯୋଗାଇ ମୂଲ୍ୟବାନ ଜୀବନ ବଂଚାଇବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଥିବା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ପ୍ରକାଶ କରିଥିଲେ । ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଡା. ସୁମନ ସୌରଭ, ସହଦେବ ମେହେର, ବଳଭଦ୍ର ରଣା, ହେତୁରାମ ହଂସ, ଅଙ୍କିତ ସଗରିଆ ଓ ଅହଲ୍ୟା ସତନାମୀ ରକ୍ତ ସଂଗ୍ରହ କରିଥିଲେ । ପୁଲିସ ଓ ବିଭିନ୍ନ ସାମାଜିକ ସଂଗଠନର ଏହି ମାନବିକ ପ୍ରୟାସକୁ ସହରବାସୀ ପ୍ରଶଂସା କରିଛନ୍ତି ।

# ବନ ବିଭାଗ ପକ୍ଷରୁ ଇକୋ-ଟୁରିଜମ୍ ଉପରେ ଆଧାରିତ ରିଲ୍ ପ୍ରତିଯୋଗିତା ଅଗଷ୍ଟ ୧୫ ରୁ ୨୫ ତାରିଖ ମଧ୍ୟରେ ଅପଲୋଡ୍ କରି ଜିତନ୍ତୁ ପୁରସ୍କାର

ମାଲକାନଗିରି : (ହି.ସ.)- ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ହ୍ରଦ, ଜୈବବିବିଧତା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଭଳି ଇକୋ-ଟୁରିଜମ୍ କୁ ସାରା ବିଶ୍ୱରେ ପ୍ରଚାର କରିବା ପାଇଁ ମାଲକାନଗିରି ବନ ବିଭାଗ ପକ୍ଷରୁ ଏକ ବଡ଼ ସଚେତନତା ପଦକ୍ଷେପ ସ୍ୱରୂପ ଡିସ୍କୋଭର ମାଲକାନଗିରି ଇକୋ-ଟୁରିଜମ୍ ରିଲ୍ ପ୍ରତିଯୋଗିତାର ଘୋଷଣା କରାଯାଇଛି । ସ୍ଥାନୀୟ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସତୀଗୁଡ଼ା ଇକୋ-ପାର୍କ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାୱାର ପଏଂଟ ପ୍ରେଜେଟେସନ୍ ମାଧ୍ୟମରେ ଏହି ପ୍ରତିଯୋଗିତାର ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି । ଏହି ପ୍ରତିଯୋଗିତାର ଗାଇଡଲାଇନ, ପୁରସ୍କାର ରାଶି ଏବଂ ସମସ୍ତ ବିଧିବଦ୍ଧ ନିୟମାବଳୀ ବନ ବିଭାଗର ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଅମାଲକାନଗିରି ଡ଼ିଏଫଓ ରେ ଉପଲବ୍ଧ ହେବ । ଇନଫ୍ଲୁଏନ୍ସର ଏବଂ କଂଟେଂଟ କ୍ରିଏଟରମାନେ ସେମାନଙ୍କର ସୃଜନଶୀଳ ରିଲ୍ସ ଆସନ୍ତା ଅଗଷ୍ଟ ୧୫ ରୁ ୨୫ ତାରିଖ ମଧ୍ୟରେ ସୋସିଆଲ ମିଡିଆରେ ଅପଲୋଡ୍ କରିପାରିବେ । ଭିଡିଓ ପୋଷ୍ଟ କରିବା ସମୟରେ ଅଫିସିଆଲ୍ ହ୍ୟାସଟ୍ୟାଗ୍ ଡିସ୍କୋଭର ମାଲକାନଗିରି ବ୍ୟବହାର କରିବା ସହ ବନ ବିଭାଗକୁ ଟ୍ୟାଗ୍ କରିବା ବାଧ୍ୟତାମୂଳକ କରାଯାଇଛି ଏବଂ ସର୍ବୋତମ ପ୍ରଦର୍ଶନ କରିଥିବା କ୍ରିଏଟରମାନଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ । ଏହି ସୂଚନା ସମ୍ପର୍କରେ ଜିଲ୍ଲାର ପ୍ରତିଭାବାନ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମାନଙ୍କ ଦ୍ୱାରା ଆୟୋଜିତ ଏକ ଜିଲ୍ଲାସ୍ତରୀୟ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା, ଯେଉଁଠାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୦୦ ରୁ ଉର୍ଦ୍ଧ୍ୱ ପ୍ରତିଭାବାନ ଇନଫ୍ଲୁଏନ୍ସର ଓ କଂଟେଂଟ କ୍ରିଏଟର ଏକାଠି ହୋଇଥିଲେ । ଇନଫ୍ଲୁଏନ୍ସରମାନଙ୍କ ଦ୍ୱାରା ଆୟୋଜିତ ଏହି ମଂଚରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ଯୋଗଦିଆଯାଇ ପ୍ରକୃତି ସୁରକ୍ଷା, ଆଂଚଳିକ କଳା-ସଂସ୍କୃତିର ପ୍ରସାର ଏବଂ ସରକାରୀ ଯୋଜନା ବିଷୟରେ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୈଠକରେ ବନ ବିଭାଗର ସହକାରୀ ବନ ସଂରକ୍ଷକ ମନସୁନ୍ ଖେମୁଣ୍ଡୁ ଯୋଗଦେଇ ଉପସ୍ଥିତ ସମସ୍ତ ଇନଫ୍ଲୁଏନ୍ସରମାନଙ୍କୁ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାରେ ବେଆଇନ କଇଁଛ ଚୋରା ଚାଲାଣ ରୋକିବା ଏବଂ ବନ୍ୟପ୍ରାଣୀଙ୍କ ପ୍ରତି ଦୟାଶୀଳ ମନୋଭାବ ରଖିବା ନେଇ ସମାଜରେ ସଚେତନତା ସୃଷ୍ଟି କରିବାକୁ ସେ ଅନୁରୋଧ କରିଥିଲେ । ଏହାସହ ସେ କହିଥିଲେ ଯେ, କେବଳ ଲାଇକ୍ ବା ଭିୟୁ ପାଇଁ ସମାଜ ଉପରେ ଖରାପ ପ୍ରଭାବ ପକାଉଥିବା କୌଣସି ବିଭ୍ରାନ୍ତିକର ରିଲ୍ସ କିମ୍ବା ପୋଷ୍ଟ ସୋସିଆଲ ମିଡିଆରେ ଅପଲୋଡ୍ କରନ୍ତୁ ନାହିଁ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଇନଫ୍ଲୁଏନ୍ସରମାନଙ୍କୁ ଜିଲ୍ଲାରେ ଆସନ୍ତା ସ୍ୱାଧୀନତା ଦିବସ ଅବସରରେ ସାରା ଦେଶରେ ପାଳିତ ହେଉଥିବା ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ନିଜ ନିଜ ଡିଜିଟାଲ୍ ମାଧ୍ୟମରେ ସାମିଲ ହୋଇ ଜାତୀୟତା ବାର୍ତା ପ୍ରସାର କରିବା ପାଇଁ ସଚେତନ କରିଥିଲେ । ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନା ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚିପାରିବ, ସେଥିପାଇଁ ନିଜ ସୃଜନଶୀଳ ଭିଡିଓରେ ସରକାରୀ ଯୋଜନାଗୁଡ଼ିକୁ ସକାରାତ୍ମକ ଭାବେ ଉପସ୍ଥାପନ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ସ୍ୱାସ୍ଥ୍ୟକର ପରିବେଶ ଓ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପର୍ଯ୍ୟଟନର ଅଭିବୃଦ୍ଧି ସହ ସୁରକ୍ଷିତ ଖାଦ୍ୟ ଯୋଗାଣ ଅତି ଜରୁରୀ ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଇନଫ୍ଲୁଏନ୍ସରମାନେ ସେମାନଙ୍କ ବ୍ଲଗ୍ କିମ୍ବା ଭିଡିଓ ମାଧ୍ୟମରେ ସ୍ଥାନୀୟ ହୋଟେଲ, ଷ୍ଟଲ୍ ଏବଂ ପର୍ଯ୍ୟଟକମାନଙ୍କୁ ସ୍ୱଚ୍ଛତା ଏବଂ ମିଶ୍ରିତ ଖାଦ୍ୟ ବର୍ଜନ କରିବା ବିଷୟରେ ସଚେତନ କରାଇଲେ, ମାଲକାନଗିରି ପର୍ଯ୍ୟଟନର ମାନ ଆହୁରି ସମୃଦ୍ଧ ହେବ । ବିଶିଷ୍ଟ ସାମାଜିକ କର୍ମୀ ବିନାଶ ମିଶ୍ର ଉପସ୍ଥିତ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ ଦେଇ କହିଥିଲେ ଯେ, ମାଲକାନଗିରିର ସମୃଦ୍ଧ ଆଦିବାସୀ ସଂସ୍କୃତି, ପାରମ୍ପରିକ କଳା ଏବଂ ସ୍ଥାନୀୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି । ଯୁବ ଇନଫ୍ଲୁଏନ୍ସରମାନେ ନିଜ ମାଟିର ଗୌରବ, ସୁନ୍ଦର କଳାକୃତି ଏବଂ ସାଂସ୍କୃତିକ ଐତିହ୍ୟକୁ ସୋସିଆଲ ମିଡିଆରେ ପ୍ରଦର୍ଶିତ କରିବା ଉଚିତ୍ । ଏହାଦ୍ୱାରା କେବଳ ପର୍ଯ୍ୟଟନର ବିକାଶ ହେବ ନାହିଁ, ବରଂ ଆଂଚଳିକ କଳାକାର ଓ ସ୍ଥାନୀୟ ଲୋକଙ୍କ ଜୀବିକାର୍ଜନର ପନ୍ଥା ମଧ୍ୟ ସୁଦୃଢ଼ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ ।

# ରକ୍ତଦାନ କରି ଗୁରୁତର ରୋଗୀଙ୍କ ଜୀବନ ବଂଚାଇଲେ ସନ୍ତୋଷ

ମାଲକାନଗିରି : (ହି.ସ.)- ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣେ ରୋଗୀଙ୍କୁ ସମୟୋପଯୋଗୀ ରକ୍ତଦାନ କରି ସ୍ଥାନୀୟ ଯୁବକ ସନ୍ତୋଷ ନାଏକ ଜୀବନଦାନ ଦେଇଛନ୍ତି । ସୂଚନା ଅନୁଯାୟୀ,ଚିତ୍ରକୋଣ୍ଡା ବ୍ଲକ୍ ପାପଲୁର ପଂଚାୟତ ଅନ୍ତର୍ଗତ ରାସବେଢ଼ା ଗ୍ରାମର ହରି ସୀସା (୪୦) ରୋଗରେ ପୀଡ଼ିତ ହୋଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ । ଚିକିତ୍ସା ସମୟରେ ତାଙ୍କ ପାଇଁ 'ବି ପଜିଟିଭ୍' ରକ୍ତର ଆବଶ୍ୟକତା ପଡ଼ିଥିଲା । ଡାକ୍ତର ରକ୍ତ ବ୍ୟବସ୍ଥା କରିବାକୁ ପରିବାର ସଦସ୍ୟଙ୍କୁ କହିବା ପରେ ସେମାନେ ଚିନ୍ତାରେ ପଡ଼ିଥିଲେ । ଏହି ଖବର ପାଇ ପରିବାର ଲୋକେ ସମାଜସେବୀ ବିକ୍ରମ ପାଢ଼ୀଙ୍କ ସହ ଯୋଗାଯୋଗ କରିଥିଲେ । ବିକ୍ରମ ତୁରନ୍ତ ତାଙ୍କ ବନ୍ଧୁ ସନ୍ତୋଷ ନାଏକଙ୍କୁ ରକ୍ତଦାନ ପାଇଁ ଅନୁରୋଧ କରିଥିଲେ । ସନ୍ତୋଷ ବିଳମ୍ବ ନକରି ମେଡିକାଲରେ ପହଂଚି ରକ୍ତଦାନ କରିଥିଲେ । ଫଳରେ ଗୁରୁତର ରୋଗୀ ରକ୍ତହୀନତାରୁ ରକ୍ଷା ପାଇଥିବାବେଳେ ବର୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି । ଏହି ମହତ୍ କାର୍ଯ୍ୟ ପାଇଁ ରୋଗୀଙ୍କ ପରିବାର ସଦସ୍ୟମାନେ ବିକ୍ରମ ପାଢ଼ୀ ଓ ସନ୍ତୋଷ ନାଏକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ବର୍ତମାନ ଜିଲ୍ଲା ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି । ଏହି ପରିସ୍ଥିତିରେ ଅଧିକରୁ ଅଧିକ ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ସଂଗଠନ ଆଗକୁ ଆସି ରକ୍ତଦାନ ଶିବିର ଆୟୋଜନ କରିବାକୁ ବିକ୍ରମ ପାଢ଼ୀ ଓ ସନ୍ତୋଷ ନାଏକ ଆହ୍ୱାନ କରିଛନ୍ତି ।

# ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା

ଝାରସୁଗୁଡା(ନି.ପ୍ର.) ଲଖନପୁର ବ୍ଲକ ସ୍ଥିତ ବି.ପି. ହାଇସ୍କୁଲ ଗୁଡିଆଲିଠାରେ ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର କୁମାର ବେହେରାଙ୍କ ତତ୍ୱାବଧାନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧୀକାରୀ ସୁଶାନ୍ତ ବେହେରା ମୁଖ୍ୟ ଅତିଥି, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ବକ୍ତା,ଫଂଟା କ୍ଲଷ୍ଟର ସିଆରସିସି ଲଳିତ ପ୍ରଧାନ ସମ୍ମାନିତ ଅତିଥି ଯୋଗ ଦେଇ ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କର ସ୍କୁଲ ବ୍ଲକ ତଥା ଜିଲ୍ଲା ପ୍ରତି ସେମାନଙ୍କ ଅବଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ ସମ୍ପାଦକ ଅନିରୁଦ୍ଧ ପଧାନ ଅତିଥି



ପରିଚୟ ପ୍ରଦାନ କରିଥିଲେ । ଲଖନପୁର ବ୍ଲକର ତିନିଜଣ ଅବଶର ପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅଶୋକ କୁମାର ପାଢ଼ୀ, ନିର୍ମଳ ବିଶ୍ୱାଳ ଓ ସଞ୍ଜୟ ମହାକୁଡ଼ ଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମାନେ ନିଜ ବକ୍ତବ୍ୟରେ ସକାରାତ୍ମକ ମନୋଭାବ ରଖିବା ସହିତ ଲଖନପୁର ବ୍ଲକକୁ ଜିଲ୍ଲା ଓ ରାଜ୍ୟସ୍ତରରେ କ୍ରୀଡା କ୍ଷେତ୍ରରେ ଉତ୍କୃଷ୍ଟ ସ୍ଥାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ।ବରୀଷ୍ଠ ଶିକ୍ଷକ ସତ୍ୟନାରାୟଣ ଭୋଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ,ବି.ପି. ହାଇସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଦୀପ କୁମାର ପ୍ରଧାନଙ୍କ ସହିତ ସମସ୍ତ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଭାଙ୍ଗିଲା ଘର, ବେସାହାରା ପରିବାର, ଆବାସ ପାଇଁ ଆକୁଳ ନିବେଦନ

ନୂଆପଡ଼ା, (ନି.ପ୍ର.): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମ ପଂଚାୟତ ଅନ୍ତର୍ଗତ କୁଲିଗାଁରେ ଏକ ଅସହାୟ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି । ଗତକାଲି ପ୍ରବଳ ବର୍ଷା ଯୋଗୁଁ ଗ୍ରାମର ବାଜନାଥ ଶବର ଓ ପଦ୍ମାଦେଇ ଶବରଙ୍କ କଚ୍ଚା ଘରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି । ଫଳରେ ଏବେ ଏହି ଦୁଇ ସଦସ୍ୟ ବିଶିଷ୍ଟ ପରିବାରଟି ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି । ମଜୁରୀ କାମ କରି କଷ୍ଟେମଷ୍ଟେ ଗୁଜରାଣ ମେ[ାଉଥିବା ବାଜନାଥ ଓ ପଦ୍ମାଦେଇ ପକ୍କା ଘର ଖଣ୍ଡିଏ ପାଇଁ ପୂର୍ବରୁ ଅନେକଥର ଆବେଦନ କରିଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କୁ ଆବାସ



ଯୋଜନାରେ ସାମିଲ କରାଯାଇ ନାହିଁ । ଏବେ ଘର ଭାଙ୍ଗିଯିବା ପରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନଥବାରୁ ପରିବାରଟି ଅତ୍ୟନ୍ତ ଚିନ୍ତାରେ ଦିନାତିପାତ କରୁଛନ୍ତି । ତୁରନ୍ତ ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବାକୁ ସେମାନେ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି ।ଏହି ସମ୍ପର୍କରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ, ସେ ସମ୍ପୃକ୍ତ ପରିବାରକୁ ଅନ୍ତୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ସମସ୍ତ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଏହି ଗରିବ ପରିବାରକୁ କେବେ ମୁଣ୍ଡଗୁଞ୍ଜା ଠାଆଟିଏ ଯୋଗାଇ ଦେଉଛି, ତାହା ଦେଖିବାକୁ ବାକି ରହିଲା ।

# ବନ୍ୟାପାଣି ପଶି ୩ ଘର ଭାଙ୍ଗିଲା, ପ୍ରଶାସନ ଅପହଂଚ ?

ନୀଳଗିରି ,(ନି.ପ୍ର): ଗତ ୨୭ତାରିଖରେ ଲଗାଣ ବର୍ଷା ରେ ବନ୍ୟା ପାଣି ବସ୍ତିରେ ପସି ୩ ଘର ଭାଙ୍ଗିଥିବା ବେଳେ ବସ୍ତି ବାସିନ୍ଦା କଲ୍ୱଲ ହୋଇ ଜୀବନ ଅତିବାହିତ କରୁଛନ୍ତି । ଆଜିପର୍ଯ୍ୟନ୍ତ ପ୍ରଶାସନ ସହଯୋଗ ପହଂଚିପାରିନାହିଁ । ଏନେଇ ଅଂଚଳରେ ଉଦବେଗ ପ୍ରକାଶ ପାଇଛି । ସୂଚନା ଯୋଗ୍ୟ ନୀଳଗିରି ଏନଏସି ଅଧିନ ୧୧ନମ୍ବର ୱାଡ଼ ପଣ୍ଡା ଅଫିସ - ଷ୍ଟେସନସାହି ଗ୍ରାମରେ ବନ୍ୟା ପାଣି ପଶିଯାଇଥିଲା । ଗ୍ରାମର ଗୋବିନ୍ଦ ସିଂ ଙ୍କ ପୁଅ ମକରା ସିଂ, ସନିଆ ସିଂ ଙ୍କ ସ୍ତ୍ରୀ ମାନସୀ ସିଂ, ସ୍ୱର୍ଗତ ମ[ୁ ସିଂ ଙ୍କ ସ୍ତ୍ରୀ ଭାରତୀ ସିଂ ଙ୍କ ଘର ବନ୍ୟା ଜଳରେ ବିଶେଷ ଭାବେ ପ୍ରଭାବିତ ହୋଇ ମାଟି କାନ୍ଥ ଓ ଛପର ଭାଙ୍ଗି ଯାଇଥିଲା ।



ଆଜକୁ ୧୪ଦିନ ବିତିଯାଇଥିଲେ ମଧ ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି ତଦନ୍ତ ହୋଇ ନଥିବା ବେଳେ ସରକାରୀ ସହାୟତା ଏଭଳିକି ପଲିଥିନ ଖଣ୍ଡିଏ ବି ମିଳିପାରିନାହିଁ । ଏନେଇ ଅଂଚଳ ବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ଅପର ପକ୍ଷେ ବନ୍ୟା ଜଳରେ ନଷ୍ଟ ହୋଇଥିବା ପରିବାର ଏବେ ରହିବା, ଖାଇବା, ଶୋଇବା ରେ ନାହିଁ ନଥିବା ଦୁର୍ଦଶା ଭୋଗୁଛନ୍ତି । ମ୍ୟାଲେରିଆ ଓ ହଇଜା ଭଳି ରୋଗକୁ ଆମନ୍ତ୍ରଣ କରୁଛି ।

# ଝାରସୁଗୁଡ଼ାରେ ଜିଲ୍ଲା ସ୍ତରୀୟ ୪ଦିନିଆ ବ୍ୟାଡ୍‌ମିଂଟନ ପ୍ରତିଯୋଗିତା ଉଦଯାପିତ

ଝାରସୁଗୁଡା(ନି.ପ୍ର.)-ଝାରସୁଗୁଡ଼ା ଜିଲ୍ଲା ବ୍ୟାଡ଼ମି□ନ ଆସୋସିଏସନ ତରଫରୁ ସ୍ଥାନୀୟ ପୌର ପରିଷଦ ଓଡିଟରିୟମ ହଲରେ ୬ଷ୍ଠ ଜିଲ୍ଲା ସ୍ତରୀୟ ୪ ଦିନିଆ ବ୍ୟାଡ଼ମି□ନ ପ୍ରତିଯୋଗିତା ଆଜି ସଂଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗରେ ୨୨ ଟି ବିଭାଗରେ ୧୯୬୫ ଜଣ ବାଳକ ବାଳିକା ଯୁବକ ଯୁବତି ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାର ଉଦଯାପନୀ ଦିବସରେ ଆଜି ସଂଧ୍ୟାରେ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସଫଳ ପ୍ରତିଯୋଗୀ




ମାନଙ୍କୁ ସାର୍ଟିଫିକେଟ ଓ କପ ପ୍ରଦାନ କରିଥିଲେ । ଅନ୍ୟ ସମ୍ମାନୀୟ ଅତିଥି ଭାବରେ ଝାରସୁଗୁଡ଼ା ଉପଜିଲ୍ଲାପାଳ ସର୍ବସାଚି ପଣ୍ଡା,୨ୟ ଓ.ଏସ.ଏପିର ଦୁର୍ଗପତି ପ୍ରସାଦ ତମାଙ୍ଗ,ବରିଷ୍ଠ ନାଗରିକ ସଂଘର ସଭାପତି ବାଳଗୋବିନ୍ଦ ମିଶ୍ର ପୁର୍ବତନ ସଭାପତି ଅର୍ଜୁନ ମୋର,ମାତାଦିନ ମୁନ୍ଦ୍ରା,ଡ଼ଃ ବିକାଶ ନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଯୋଗ ଦେଇ ସଫଳ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ କପ ପ୍ରଦାନ କରିଥିଲେ । ବ୍ୟାଡ଼ମି□ନ ଆସୋସିଏସନର ସଭାପତି ପ୍ରତାପ ଚନ୍ଦ୍ର ବେହେରା,ଉପଦେଷ୍ଟା ଜୀବନ ମହାନ୍ତି,ସନ୍ଦିପ ଅଗସ୍ତି,ସମ୍ପାଦକ ଶୁଭମ ଶର୍ମା ,କଷାଦକ୍ଷ ନୃପ ଭୋଇ, ଉପ-ସଭାପତି ବିଜୟ ମୁନ୍ଦ୍ରା, ଦିପକ ଶର୍ମା ,ଅରୁଣ ମୁନ୍ଦ୍ରା,ବାଲାଜୀ ସାକସେନା, କ୍ଷୀରୋଦ ରାଉତ,ନାରାୟଣ କେଡିଆ, ମହୋନ ମୁରାରକା ,ବସନ୍ତ କୁମାର ପାଣ୍ଡେ,ନରେଶ ସରାଓ୍ୱଗୀ ଓ ସନ୍ତୋଷ ଡିଡଓ୍ୱନିଆ ପ୍ରଭୃତି ଉପସ୍ଥିତ ଥିଲେ ।

# ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଉପରେ ସଚେତନତା ରଥ ଗଡ଼ିଲା

ନୟାଗଡ଼(ନି.ପ୍ର.)- ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ତଥା ସ୍ୱଚ୍ଛତା ପ୍ରତି ଜନ ସାଧାରଣଙ୍କ ମଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା । ଏ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ନୟାଗଡ଼ ପୌରପାଳିକା ପରିସର ପର୍ଯ୍ୟନ୍ତ ଚାଲିଥିଲା ।ଏହି ଅଭିଯାନରେ ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଜିଲ୍ଲା ପରିଷଦ ଅଧକ୍ଷ ଇଂଦେବାଶିଷପଟ୍ଟନାୟକ,ପୌରପାଳିକା ଅଧକ୍ଷା ଶ୍ରୀମତୀ ନିରୁପମା ଖଟେଇ , ପୌରପାଳିକା ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସୁଜାତା କୁମାରୀ ସାହୁଙ୍କ ସମେତ ସରକାରୀ



କର୍ମଚାରୀ, ସଫେଇ କର୍ମଚାରୀ,ସ୍ୱେଚ୍ଛାସେବୀ ଏବଂ ଗଣମାଧମର ପ୍ରତିନିଧିମାନେ ବହୁ ମାତ୍ରାରେ ଯୋଗଦେଇଥିଲେ । ଅଭିଯାନ ସମୟରେ ରାସ୍ତାପାର୍ଶ୍ୱ, ସରକାରୀ କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ପରିମଳ ବ୍ୟବସ୍ଥା ସୁଦୃଢ଼ କରିବା ସହ ଆବର୍ଜନା ସଫା କରାଯାଇଥିଲା । ସ୍ୱଚ୍ଛତା ରକ୍ଷା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ଏହି ଅବସରରେ ବାର୍ତା ଦିଆଯାଇଥିଲା ।ମାନନୀୟା ଜିଲ୍ଲାପାଳ ସ୍ଥାନୀୟ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କୁ ନିଜ ଦୋକାନ ଓ ଘର ସମ୍ମୁଖରେ ଡଷ୍ଟବିନ୍ ରଖିବା ସହ ଆବର୍ଜନା ରାସ୍ତା କିମ୍ବା ସର୍ବସାଧାରଣ ସ୍ଥାନରେ ନ ପକାଇବାକୁ ପରାମର୍ଶ ଦେଇଥିଲେ । ଆବର୍ଜନାକୁ ନିର୍ଦ୍ଦିଷ୍ଟ ଡଷ୍ଟବିନ୍ ?ରେ ପକାଇବା ଏବଂ ପୌରପାଳିକାର ଆବର୍ଜନା ସଂଗ୍ରହ ବ୍ୟବସ୍ଥାର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଥିଲେ ।ସ୍ୱଚ୍ଛ ସହର ଓ ସୁସ୍ଥ ସମାଜ ଗଠନ ପାଇଁ ନିଜ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ସ୍ୱଚ୍ଛତା ଅଭ୍ୟାସକୁ ଦୈନନ୍ଦିନ ଜୀବନର ଅଂଶ କରିବା ପାଇଁ ଜନସାଧାରଣଙ୍କୁ ଏହି ଅଭିଯାନ ମାଧମରେ ସଚେତନତାର ବାର୍ତା ଦିଆଯାଇଥିଲା ।

# ରୋଜଗାରର ମାଧ୍ୟମ ପାଲଟିଛି ରାଣିତାଲ-କୁପାରୀ ରାସ୍ତା ମରାମତି

ଖଇରା(ନି.ପ୍ର.)ବାଲେଶ୍ୱର ଓ ଭଦ୍ରକ ଜିଲାକୁ ସଂଯୋଗ କରୁଥିବା କୁପାରୀ-ରାଣିତାଲ ରାସ୍ତାର ଚନ୍ଦନପୁର ଓ ଜଳଙ୍ଗ ଛକ ନିକଟରେ ବଡ ବଡ ଖାଲ ସୃଷ୍ଟି ହୋଇ ଯାତ୍ରୀଙ୍କ ପାଇଁ ଏବେ ଯମଜନ୍ତା ପାଲଟିଛି । ୧ଶହ ମିଟର ରାସ୍ତାରେ ପାଖାପଖି ୨ଶହରୁ ଉର୍ଦ୍ଧ ଗ□ପ୍ରତିମୁହୁ□ରେ ବିପଦକୁ ନିମନ୍ତ୍ରଣ କରୁଛି । ଏହି ସ୍ଥାନରେ ପୂ□ ବିଭାଗ ବାରମ୍ବାର ମରାମତି କରୁଥିଲେ ହେଁ ଏହା କେବଳ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ରୋଜଗାର ବଢାଇବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି । ହେଲେ କୌଣସୀ ସମୟରେ ଯାତ୍ରୀଙ୍କ ହିତରେ ଆସୁନାହିଁ । ୫ବର୍ଷ ତଳେ ରାଣିତାଲ ରୁ ଧୋବାଗଡିଆ ରାସ୍ତାର ନିର୍ମାଣ କାର୍ଯ୍ୟ କରାଯାଇଥିଲା । ପାଖାପାଖି ୨୦କୋଟି ଟଙ୍କା ବ୍ୟୟ କରାଯାଇଥିଲା । ପୁର୍ବରୁ ଚନ୍ଦନପୁର ଓ ଅଡା ଛକ ମଝାମଝି ତଥା ଜଳଙ୍ଗ ନିକଟରେ ପାଣିଜମି ରହୁଥିବା ଯୋଗୁଁ ବାରମ୍ବାର ରାସ୍ତା



ଧୋଇଯାଉଥିବା ସ୍ଥାନକୁ କଂକ୍ରିଟ କରିବାକୁ ସ୍ଥାନୀୟ ଗ୍ରାମବାସୀ ମାନେ ଦାବୀ କରିଥିଲେ ହେଁ ବିଭାଗ କେବଳ ପିଚୁ ରାସ୍ତାରେ ଏହାକୁ ଶେଷ କରିଥିଲେ । ବିଭାଗର ଖାମଖିଆଲି ନିତି ପାଇଁ ଗତ ୫ବର୍ଷ ହେଲା ଯାତ୍ରୀ ମାନେ ଏକ ପ୍ରକାର ନିର୍ଯ୍ୟାତନାର ଶିକାର ହେଉଥିବା ନେଇ ଜଳଙ୍ଗ ଗ୍ରାମର ପ୍ରଫୁଲ୍ଲ ଦାସ ଓ ପୂର୍ଣ୍ଣଚନ୍ଦ୍ର ଦାସ କହିଛନ୍ତି । ପ୍ରତ୍ୟେକ ଦିନ ଛୋଟମୋଟ ଦୁର୍ଘଟଣା ଲାଗି ରହିଥିବା ନେଇ ଗ୍ରାମବାସୀ କହିଛନ୍ତି । ସେହିଭଳି ନେତା ଓ ଯନ୍ତ୍ରୀ ମାନଙ୍କ ବାର୍ଷିକିଆ ରୋଜଗାର ପାଇଁ ପ୍ରତିବର୍ଷ ଏଭଳି ମରାମତି କରାଯାଉଛି ସତ ଯାତ୍ରୀଙ୍କର ଏଥିରେ ସାମାନ୍ୟତମ ଉପକାର ହେଉନାହିଁ ବୋଲି ଚନ୍ଦନପୁର ଗ୍ରାମର ବନମାଳି ରାଉଳ ଓ ରମେଶ ଚନ୍ଦ୍ର ରାଉଳ ଅଭିଯୋଗ କରିଛନ୍ତି । ଏହା ମଧ୍ୟରେ ଗ୍ରାମବାସୀ ୨ଥର ଜିଲାପାଳଙ୍କୁ ଅଭିଯୋଗ କରିସାରିଥିବା ବେଳେ ପୁନଶ୍ଚ ସମସ୍ତେ ଏକଜୁଟ ହୋଇ ରାସ୍ତାରେ ଅନଶନରେ ବସିବାକୁ ମସୁଧା ଚଳାଇଛନ୍ତି । ଏହି ରାସ୍ତା ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କର ପିସି ଲୋଭ ପାଇଁ ଠିକାଦାର ମାନେ ମଧ୍ୟ ଠିକ ଢଙ୍ଗରେ କାମ କରିପାରୁନଥିବା ନେଇ କିଛି ଠିକାଦାର ଅଭିଯୋଗ ମଧ୍ୟ କରିଛନ୍ତି । ଏ ସମ୍ପର୍କରେ ପୂ□ ବିଭାଗ ସହକାରୀ ଯନ୍ତ୍ରୀ ସଙ୍ଗିତା ସାହୁଙ୍କ ପ୍ରତିକ୍ରିୟା ନେବାରେ ବାରମ୍ବାର ନଷ୍ଟ ହେଉଥିବା ସ୍ଥାନରେ କଂକ୍ରିଟ କରାଯିବାକୁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି ।

# ବିଜେପି ନେତାଙ୍କ ମାତୃ ବିୟୋଗରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ଶୋକ

ଅନୁଗୋଳ /ତାଳଚେର (ନି.ପ୍ର.): ଅନୁଗୋଳ ଜିଲ୍ଲାର ବରିଷ୍ଠ ବିଜେପି ନେତା କାଳନ୍ଦି ପ୍ରଧାନ ଙ୍କର ମାତା ସରସ୍ୱତୀ ପ୍ରଧାନ ଙ୍କର ୭୭ ବର୍ଷ ବୟସରେ ଶନିବାର ଦିନ ପରଲୋକ ଘଟିଛି ।ସେହିଭଳି ଶିକ୍ଷା ବିକାଶ ସମିତି ଓଡିଶା ମଧ ସମ୍ଭାଗ ର ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଙ୍କର ମାତା ସୁଷମା ପଟ୍ଟନାୟକଙ୍କ ୮୬ ବର୍ଷ ବୟସରେ ଶନିବାର ଦେହାନ୍ତ ହୋଇଛି ।କ୍ଷ ଶ୍ରୀମତୀ ସୁଷମା ପଟ୍ଟନାୟକ ତାଳଚେର ନାରୀକଲ୍ୟାଣ ସମିତିର ଦୀର୍ଘଦିନ ସାଧାରଣ ସମ୍ପାଦିକା ଦାୟିତ୍ୱରେ ରହି ନାରୀମଙ୍ଗଳ କାରୀ କାର୍ଯ୍ୟ ସହ ଅନେକ ସମାଜ ସେବା କରି ଯାଇଛନ୍ତି କ୍ଷ ସେ ତାଳଚେର ମହାବିଦ୍ୟାଳୟ ଗଭର୍ଣ୍ଣିଙ୍ଗ ବଡ଼ିର ସଭ୍ୟା,ଉପଖଣ୍ଡ ସରକାରୀ ଚିକିତ୍ସାଳୟ ଆର.କେ.ଏସ.ର ସଭ୍ୟା ଭାବରେ ନିଜର ଦାୟିତ୍ୱ ତୁଲାଇଛନ୍ତି । ଉଭୟଙ୍କ ବିୟୋଗରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ଙ୍କୁ ସମବେଦନା ଜଣାଇଛନ୍ତି ।ସେହିପରି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଅନୁରୂପ ଭାବେ ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ଙ୍କୁ ଫୋନ ଯୋଗେଁ କଥାହୋଇ ସମବେଦନା ଜଣାଇଛନ୍ତି ।ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା



ଯୋଜନା ବୋର୍ଡ ଅଧକ୍ଷ ତଥା ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ ଓ ପ୍ରତିମା ମିଶ୍ର, କ୍ଷେତ୍ରୀୟ ଗଣମାଧମ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।ସଂଘ ର ବିଭୀଧ କ୍ଷେତ୍ରର କାର୍ଯ୍ୟକର୍ତା ମାନେ ବହୁ ସଂଖ୍ୟାରେ ଉଭୟଙ୍କ ବାସଭବନ ରେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ ।

# ସୋର ୟୁଟ୍ୟୁବର ସେବା ପରିବାର ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ସୋର,(ନି.ପ୍ର.) ସୋର ୟୁଟ୍ୟୁବର ସେବା ପରିବାର ଓ ସୋର ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ବାଦ ଆମ ଓଡିଶା ସହଯୋଗରେ ମାଣିପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ମାଣିପୁରରୁ ମଙ୍ଗଳପୁର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱର୍ରେ କଦମ୍ବ,ପିଜୁଳି,ଆମ୍ବ, ଜାମୁ, ରାଧାଚୁଡା, ମେହେଗାନୀ ଓ ଧାତ୍ରିଅଁଳା ଆଦି ୨୫ଟି ଗଛ ଲଗାଯାଇଥିଲା । ସଂଗଠନର ସଭାପତି ଗୌରୀଶଙ୍କର ସିଂ, ସମ୍ପାଦକ ସଞ୍ଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ ଓ ସୋର ସମ୍ବାଦ ପ୍ରତିନିଧି ଅଭୟ ପତ୍ରୀଙ୍କ ନେତୃତ୍ୱରେ ସମସ୍ତ ସଦ୍ୟସ୍ୟ ସଦସ୍ୟା ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ । ମଣିଷ ବଂଚିବାକୁ ହେଲେ ଆଗାମୀ ପିଢ଼ି ପାଇଁ ଆଜିଠାରୁ ବୃକ୍ଷରୋପଣକୁ ଗୁରୁତ୍ୱ ଦିଆଯାଇ ବୃକ୍ଷରୋପଣ କରାଯିବା ଜରୁରୀ । ଏଥିପାଇଁ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନମାନଙ୍କରେ ବୃକ୍ଷାରୋପଣ କରାଯିବ ବୋଲି ସଭାପତି ଗୌରୀଶଙ୍କର ସିଂ କହିଥିଲେ ।

# ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜନ ନେଇ ପ୍ରସ୍ତୁତି ବୈଠକ

ନୀଳଗିରି,(ନି.ପ୍ର)ଆଜି ଭାରତୀୟ ଜନତା ପାର୍ଟି, ନୀଳଗିରି ତରଫରୁ ୮୦ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ପାଇଁ ବିଧାନସଭା ସ୍ତରୀୟ ପ୍ରସ୍ତୁତି ବୈଠକ ନୀଳଗିରିଠାରେ ଅନୁଷ୍ଠିତ ହୋଇଯାଇଅଛି କ୍ଷ ସାଧାରଣ ନାଗରିକ ଏବଂ ଭାରତର ଭବିଷ୍ୟତ ଅମୃତ ପିଢ଼ିଙ୍କ ଭିତରେ ରାଷ୍ଟ୍ରପ୍ରେମ କୁ ଜାଗ୍ରତ କରିବା ପାଇଁ ଆଗାମୀ ୧୩ ତାରିଖରେ ତ୍ରିରଙ୍ଗା ଶୋଭାଯାତ୍ରା ଓ ୧୧ରୁ ୧୪ ହର ଘର ତ୍ରିରଙ୍ଗା



କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଅଛି କ୍ଷ ଭାରତୀୟ ଜନତା ପାର୍ଟି ତରଫରୁ ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା,ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ,ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସମର ଶଙ୍କର କାନୁନଗୋ,ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ,ବରିଷ୍ଠ ସଦସ୍ୟ ମନୀନ୍ଦ୍ର ରାଉତ,ମନୋରଞ୍ଜନ ମହାନ୍ତି,ନଗର ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ,ରତିକାନ୍ତ ବେହେରା, ରମାକାନ୍ତ ବେହେରା,ରତିକାନ୍ତ ସିଂ ଏବଂ ଯୁବମୋର୍ଚ୍ଚାର ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ ।


**NOTICE**

**(above 18 years of age)**

By virtue of an Affidavit Sworn before Executive Magistrate Balasore, dated 07.08.2026 I, Kanaka Pusti, Address At/Po: Kashimpur, PS: Remuna, Dist: Balasore, Odisha, 756019 declare that I have changed my name from Sushama Pusti to Kanaka Pusti, Henceforth, I shall be known as Kanaka Pusti for all purposes.

**Sd/-**
**Kanaka Pusti**


# ପାଣି ନାହିଁ, ବିଲକୁ ଆସୁନି ବିନ୍ଦୁଏ ଜଳ

## ନୂଆପଡ଼ାରେ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ନାଁରେ ବ୍ୟାପକ ହରିଲୁଟ୍

ନୂଆପଡ଼ା, (ନି.ପ୍ର): ସରକାରୀ ଯୋଜନା ଓ ଅର୍ଥର କିପରି ଖୋଲାଖୋଲି ଅପବ୍ୟବହାର କରାଯାଇପାରେ, ତାହାର ନଗ୍ନ ଉଦାହରଣ ପାଲଟିଛି ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଗଡ଼ରାମାଲ ଗ୍ରାମର 'ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ' । ଚାଷୀଙ୍କ ଜମିକୁ ସୁଚାରୁ ରୂପେ ପାଣି ମାଡ଼ିବା ଆଶା ଏବେ କେବଳ ସ୍ୱପ୍ନରେ ରହିଯାଇଥିବା ବେଳେ, ପ୍ରକଳ୍ପ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଓ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଚାଷୀମାନେ ଅଭିଯୋଗ ଆଣିଛନ୍ତି ।୬୦ ପ୍ରତିଶତ କାମ ଅଧା: ୧ ଇଂଚି ପାଇପରେ ଚାଲିଛି ଜଳସେଚନ !ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରକଳ୍ପର ପ୍ରାୟ ୬୦ ପ୍ରତିଶତ ପାଇପ୍ ବିଛାଇବା କାମ ଏପର୍ଯ୍ୟନ୍ତ ବାକି ପଡ଼ିଛି । ଚାଷ ଜମିକୁ ଜଳ ଯୋଗାଣ ପାଇଁ ମାତ୍ର ୧ ଇଂଚି କିମ୍ବା ତା'ଠାରୁ ବି କମ୍ ଓସାରର ପାଇପ୍ ବ୍ୟବହାର କରାଯାଇଛି । ଏତେ ସରୁ ପାଇପ୍ ଦ୍ୱାରା ଶତାଧିକ ଏକର ଜମିକୁ କିପରି ପାଣି ଯୋଗାଇ ଦିଆଯିବ, ତାହାକୁ ନେଇ କାର୍ଯ୍ୟକାରୀ ସଂସ୍ଥାର ପ୍ରଶାସନିକ ଦୂରଦୃଷ୍ଟି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।'ନୂଆ ପ୍ରକଳ୍ପରୁ ଆମକୁ ବିନ୍ଦୁଏ ବି ପାଣି ମିଳୁନାହିଁ । ପୂର୍ବରୁ ଥିବା ପୁରୁଣା ଉଠା ଜଳସେଚନ ପ୍ରକଳ୍ପ ଭରସାରେ ହିଁ ଆମେ ଚାଷ କରୁଛୁ । ନୂଆ ପ୍ରକଳ୍ପ ନାଁରେ କେବଳ ସରକାରୀ ଟଙ୍କା ପାଣିରେ ପଡ଼ିଲା ।'ଇନ୍ ?ଟେକ୍ ୱେଲ୍ ?ରେ ପାଣି ନାହିଁ, ଚାଲିଛି ମୋଟର !ଉଦନ୍ତୀ ନଦୀ ଉପରେ ତିନୋଟି ଉଠା ଜଳସେଚନ ପ୍ରକଳ୍ପ ରହିଥିବା ବେଳେ, ଗଡ଼ରାମାଲଠାରେ ଏହି ବୃହତ୍ ପ୍ରକଳ୍ପ ନିର୍ମାଣ କରାଯାଇଛି । ତେବେ ନଦୀର ଇନ୍ ?ଟେକ୍ ୱେଲ୍ ? ରେ ଆବଶ୍ୟକ ଜଳରାଶି ଗଚ୍ଛିତ ନରଖି ୧୨୫ ଏଚ୍.ପି. (ଐଚ) ବିଶିଷ୍ଟ ତିନୋଟି ବଡ଼ ବଡ଼ ମୋଟର ଖଞ୍ଜାଯାଇଛି । ନଦୀରେ ଯଥେଷ୍ଟ ପାଣି ନଥାଇ ଏତେ ବଡ଼ ମୋଟର ଚଲାଇଲେ ପ୍ରକଳ୍ପ



ପାଣି ବଦଳରେ କେବଳ 'ପବନ' ହିଁ ଟାଣିବ ବୋଲି ଗ୍ରାମବାସୀ ହସପାହାର କରୁଛନ୍ତି । ସିନାପାଲି ବ୍ଲକର ଏହି ତିନୋଟି ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି । କୋଟି କୋଟି ଟଙ୍କାର ବ୍ୟୟବରାଦ ପରେ ବି କ୍ଷେତକୁ ପାଣି ନଆସିବା ସରକାରୀ ଅଫିସର ଓ ଠିକାଦାରଙ୍କ ଭିତରମୁହାଁ ବୁଝାମଣାକୁ ଇଙ୍ଗିତ କରୁଛି । ଏହି ବିଷୟରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିମ୍ନମାନର କାମ କରୁଥିବା ଅଧିକାରୀ ଓ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗଡ଼ରାମାଲ ଗ୍ରାମବାସୀ ଓ ଚାଷୀକୂଳ ଦାବି କରିଛନ୍ତି ।





# ସିଡବ୍ଲୁଜି ମେଡାଲ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଭାରତ ପାଇଁ କମନଓ୍ୱେଲଥ ଗେମ୍ସ ୨୦୨୬ର ଯାତ୍ରା ଥିଲା ଖୁବ୍ ଆକର୍ଷଣୀୟ । ଅନେକ ପ୍ରମୁଖ ଖେଳ ଗୁଡ଼ିକ ସାମିଲ ନଥିବା ସତ୍ୱେ ଭାରତୀୟ ଖେଳାଳିମାନେ ଗ୍ଲାସଗୋରେ ନିଜର ଦମଦାର ପ୍ରଦର୍ଶନ କରି ପାରିଥିଲେ ଏବଂ ୩୯ଟି ମେଡାଲ ଜିତି ସବୁ ଦେଶ ମଧ୍ୟରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ଏବେ ମେଡାଲ ବିଜେତାମାନେ ଦେଶକୁ ଫେରିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । କିନ୍ତୁ ସମସ୍ତ ମେଡାଲ ବିଜେତାଙ୍କ ସବୁଠାରୁ ନିଆରା ସ୍ୱାଗତ କରାଯାଇ ଥିଲା ଲୋକ କଲ୍ୟାଣ ମାର୍ଗରେ, ଯେଉଁଠାରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଆତିଥ୍ୟ ସତ୍କାର କରି ଥିଲେ । ଏହା ସହିତ ପ୍ରଧାନମନ୍ତ୍ରୀ ଦେଶର ଖେଳାଳି ମାନଙ୍କୁ ବାର୍ତ୍ତା ଦେଇଥିଲେ ଯେ, ଖେଳୁଥିବା ଲୋକମାନେ ହିଁ ଉନ୍ନତି କରିବେ । ରବିବାର ୯ ଅଗଷ୍ଟର ସନ୍ଧ୍ୟା । ୭ ଲୋକ କଲ୍ୟାଣ ମାର୍ଗ ସ୍ଥିତ, ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ କମନଓ୍ୱେଲଥ ଗେମ୍ସ ୨୦୨୬ର ମେଡାଲ ବିଜେତାମାନଙ୍କୁ ସ୍ୱାଗତ କରାଯାଇ ଥିଲା । ଏହି ସମୟରେ ପିଏମ୍ ମୋଦି ସମସ୍ତ ବିଜେତାଙ୍କୁ ଭେଟି ଥିଲେ ଏବଂ ସେମାନଙ୍କ ଅନୁଭବ ଓ ଅନୁଭୂତିକୁ ଧ୍ୟାନର ସହ ଶୁଣି ଥିଲେ । ଏହାସହ ମୋଦି ଦେଶର ଗୌରବ ବଢ଼ାଇ ଥିବା ଖେଳାଳି ମାନଙ୍କ ସହ ନିଜର ବିଚାର ମଧ ବାଂଟି ଥିଲେ । ଏହି ସାକ୍ଷାତକାରର ଶେଷ ଏକ ଚମତ୍କାର ଇନଷ୍ଟାଗ୍ରାମ ରିଲ୍ ସହିତ ହୋଇ ଥିଲା, ଯାହାକୁ ନିଜେ ପ୍ରଧାନମନ୍ତ୍ରୀ ଶେୟାର କରି ଥିଲେ ।








# ଜାତୀୟ ସ୍ୱାର୍ଥ ଏବଂ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ନାଗରିକମାନେ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ : ଉପ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ରବିବାର



ଦିନ ନାଗରିକମାନଙ୍କୁ ସେମାନଙ୍କ ଜାତୀୟ ସ୍ୱାର୍ଥ ଏବଂ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଛନ୍ତି । ତ୍ରିରଙ୍ଗାରୁ ପ୍ରେରଣା ନେଇ ସାହସ, ଏକତା ଓ ଆଶା ସଂଚାର କରନ୍ତୁ ଏବଂ ଏକ ଶକ୍ତିଶାଳୀ ତଥା ବିକଶିତ ଭାରତ ନିର୍ମାଣରେ ସ୍ୱାଧୀନତା ସଂଗ୍ରାମୀଙ୍କ ଐତିହ୍ୟକୁ ଆଗକୁ ବଢ଼ାନ୍ତୁ । ଉପରାଷ୍ଟ୍ରପତି ରାଧାକୃଷ୍ଣନ ଆଜି ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ବିଜୟପୁରମର ଫ୍ଲାଗ ପଏଂଟରେ ଜାତୀୟ ପତାକା ଉତୋଳନ କରି 'ହର ଘର ତିରଙ୍ଗା ଅଭିଯାନ'କୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ 'ହର ଘର ତିରଙ୍ଗା 'ର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଥିଲେ,' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନ ଦେଶବ୍ୟାପୀ ଜନ ଆନ୍ଦୋଳନରେ ପରିଣତ ହୋଇଛି । ପ୍ରତ୍ୟେକ ନାଗରିକ ଗର୍ବର ସହ ତ୍ରିରଙ୍ଗା ଉଡ଼ାଇ ଦେଶପ୍ରେମ, ଏକତା ଏବଂ ସାମୂହିକ ଦାୟିତ୍ୱର ମୂଲ୍ୟବୋଧକୁ ଗ୍ରହଣ କରନ୍ତୁ । ଭାରତ ଏକ ଏବଂ ସର୍ବଦା ଏକ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଉପରାଷ୍ଟ୍ରପତି କହିଲେ ଯେ, ସମସ୍ତ ଦ୍ୱୀପ 'ବିବିଧତା ମଧ୍ୟରେ ଏକତା 'ଏବଂ' ଏକ ଭାରତ, ଶ୍ରେଷ୍ଠ ଭାରତ' ର ଜୀବନ୍ତ ଉଦାହରଣ ଏବଂ ଏଗୁଡ଼ିକର ଏକ ସମୃଦ୍ଧ ଆଦିବାସୀ ଐତିହ୍ୟ ରହିଛି ଏବଂ ଯୋଗାଯୋଗ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତିଭୂମି କ୍ଷେତ୍ରରେ ମଧ୍ୟ ପ୍ରଗତି ହୋଇଛି ।

## ସରଳା ଦେବୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ

# ନାରୀ ସଶକ୍ତିକରଣର ପ୍ରତୀକ ହେଉଛନ୍ତି ସରଳା ଦେବୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଆଜି ଓଡ଼ିଶା ବିଧାନସଭା ପାର୍ଶ୍ୱରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ମହିଳା ବିଧାୟିକା ସରଳା ଦେବୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସରଳା ଦେବୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରିବା ସହ ନିଜର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, 'ନାରୀ ସଶକ୍ତିକରଣ ଏବଂ ଓଡ଼ିଶାର ସାମାଜିକ ଓ ରାଜନୈତିକ ଜାଗରଣର ପ୍ରତୀକ ସରଳା ଦେବୀଙ୍କର ଆଜି ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ କରାଯାଇଛି । ସରଳା ଦେବୀ ଓଡ଼ିଶାର କେବଳ ପ୍ରଥମ ମହିଳା ବିଧାୟିକା ନଥିଲେ, ବରଂ ସ୍ୱାଧୀନତା ସଂଗ୍ରାମ ଓ ମହିଳା ମାନଙ୍କୁ ଅଧିକାର ପ୍ରଦାନ କ୍ଷେତ୍ରରେ



ତାଙ୍କର ଅବଦାନ ଅତୁଳନୀୟ ଥିଲା । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ଓଡିଶାରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ । ବିଧାୟିକା ଭାବେ ସରଳା ଦେବୀ ନାରୀ ଶିକ୍ଷା ଓ ମହିଳା ମାନଙ୍କର ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ କରିଥିଲେ । ସରଳା ଦେବୀଙ୍କ ପରି ମହାନ ବିପ୍ଳବୀଙ୍କ ତ୍ୟାଗ ଓ ସେବା ମନୋଭାବ ଆମକୁ ସଦାସର୍ବଦା ନିଷ୍ଠାର ସହ ଜନସେବା କରିବାକୁ ପ୍ରେରଣା ଦେଇ ଆସୁଛି' ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆଜି ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ମହାକାଳପଡ଼ା ବିଧାୟକ ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, ଓଡ଼ିଶା ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଉପ ନିର୍ଦ୍ଦେଶକ ଶ୍ରୀମତୀ ଦେବଯାନୀ ଭୂୟାଁ, ଉପ ନିର୍ଦ୍ଦେଶକ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ସରଳା ଦେବୀଙ୍କ ସ୍ମୃତିଚାରଣ କରିଛନ୍ତି ।

# ପ୍ରବଳ ବର୍ଷା ସମ୍ଭାବନା : ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର: ରାଜ୍ୟରେ ପୁଣି ଥରେ ପାଗ ବଦଳିବାକୁ ଯାଉଛି । ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଏକ ଲଘୁଚାପ କ୍ଷେତ୍ର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଘଡ଼ଘଡ଼ି ଓ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଦିନ ଏକ ସତର୍କ ସୂଚନା ଜାରି କରାଯାଇଛି । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଆଗାମୀ ୨୪ ଘଂଟା ପାଇଁ ମୋଟ ୨୧ଟି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ 'ୟେଲୋ ୱାର୍ଣ୍ଣିଂ' ବା ହଳଦିଆ ଆଲର୍ଟ ଜାରି କରାଯାଇଛି । ପାଣିପାଗ ବିଭାଗର ତାଜା ରିପୋର୍ଟ ଅନୁଯାୟୀ, ବିଶେଷ କରି ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରଭାବ ସବୁଠାରୁ ଅଧିକ ଦେଖିବାକୁ ମିଳିବ । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ସମେତ ଉତର ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ସାମିଲ ରହିଛି । ଏହି ସମସ୍ତ ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ସ୍ଥାନୀୟ ପ୍ରଶାସନକୁ ଆଲର୍ଟ ରହିବାକୁ କୁହାଯାଇଛି ଏବଂ ତଳିଆ ଅଂଚଳର ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷରେ କେବଳ ପ୍ରବଳ ବର୍ଷା ନୁହେଁ, ବରଂ ରାଜ୍ୟର ଅନ୍ୟ କିଛି ସ୍ଥାନରେ ଘନ ଘନ ବଜ୍ରପାତ ସହ ଘଡ଼ଘଡ଼ିର ମଧ ଆଶଙ୍କା ରହିଛି ।

## ବାଲେଶ୍ୱର ମହିଳା କଲେଜର ୪୪ ବର୍ଷ ପୂର୍ତ୍ତି

# ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର(ନି.ପ୍ର) : ବାଲେଶ୍ୱର ମହିଳା କଲେଜରେ ରବିବାର ୪୪ବର୍ଷ ପରେ ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସମୟର ସ୍ରୋତରେ ଚାରି ଦଶନ୍ଧିରୁ ଅଧିକ ଦୂରତା ଅତିକ୍ରମ କରି, ଅସଂଖ୍ୟ ଛାତ୍ରୀଙ୍କ ସ୍ୱପ୍ନକୁ ଜ୍ଞାନର ଆଲୋକରେ ଆଲୋକିତ କରିଆସିଥିବା ବାଲେଶ୍ୱର ମହିଳା କଲେଜ, ଗୋପାଳଗାଁ ତାହାର ୪୪ ବର୍ଷର ଗୌରବମୟ ଯାତ୍ରାରେ ଆଉ ଏକ ସ୍ମରଣୀୟ ଅଧ୍ୟାୟ ଯୋଡ଼ିଛି । ପ୍ରଥମ ଥର ପାଇଁ କଲେଜର ପ୍ରତିଷ୍ଠା ଦିବସ ଗଭୀର ଆତ୍ମୀୟତା, ଉତ୍ସାହ ଓ ଗରିମାର ସହ ପାଳିତ ହୋଇଯାଇଛି । ପ୍ରତିଷ୍ଠାର ସ୍ମୃତିରୁ ଭବିଷ୍ୟତର ସଂକଳ୍ପ କଲେଜର ଅଧ୍ୟକ୍ଷ ଡ. ଉମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ସଭାରେ ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ଶ୍ରୀ ମାନସ କୁମାର ଦତ



ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି କଥା ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ । ଉତମ ଚରିତ୍ର ଗଠନର ମହତ୍ୱ ଓ ଆଦର୍ଶ ବ୍ୟକ୍ତିତ୍ୱର ଗୁରୁତ୍ୱ ସଂପର୍କରେ ସ୍ୱମତ ବ୍ୟକ୍ତ କରିଥିଲେ । ପ୍ରଥମ ପରିଚାଳନା କମିଟିର ପ୍ରାଣ ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ସନ୍ତୋଷ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଲେଜର ପ୍ରତିଷ୍ଠାକାଳୀନ ଦିନଗୁଡ଼ିକର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସନ୍ତୋଷ ଦାସ ମହୋଦୟଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଇତିହାସ ବିଭାଗର ଅଧ୍ୟାପିକା ପୂରବୀ ପଟ୍ଟନାୟକ ସଭା ପରିଚାଳନାର ଦାୟିତ୍ୱ ସୂଚାରୁ ରୂପେ ତୁଲାଇଥିଲେ । ଡ. ପୂଜାରାଣୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ରଶ୍ମିରେଖା ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରି କଲେଜର ଶିକ୍ଷାଗତ ଅଗ୍ରଗତି, ସହଶିକ୍ଷା କାର୍ଯ୍ୟକ୍ରମ ଓ ବିଭିନ୍ନ ସଫଳତାର ଚିତ୍ର ଉପସ୍ଥାପନ କରିଥିଲେ । କଲେଜର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଅନ୍ତର୍ଯ୍ୟାମୀ ପଣ୍ଡା, ଶ୍ରୀମତୀ ମିତ୍ରା ମହାପାତ୍ର, ଶ୍ରୀମତୀ ପ୍ରତିମାରାଣୀ ମହାପାତ୍ରଙ୍କ ସମେତ ବହୁ ପୂର୍ବତନ ଓ ବର୍ତ୍ତମାନର ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଅତିଥି ଉପସ୍ଥିତ ଥିଲେ । ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ପରିଚାଳନା କମିଟିର ମୁଖ୍ୟ ପୁରୋଧା ସ୍ୱର୍ଗତ ଗୋପନାରାୟଣ ଦାସଙ୍କ ପତ୍ନୀ ବୀଣାପାଣି ଦେବୀଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଥମ ପରିଚାଳନା କମିଟିର ପ୍ରତିଷ୍ଠାତା ସଦସ୍ୟ ୰ ବିସ୍ମୟ ମହାନ୍ତିଙ୍କ ଦାୟାଦ ସୁପୁତ୍ର ଇଂ. ନିର୍ମାଲ୍ୟ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ସେହିପରି ୰ ଅନନ୍ତ ମହାନ୍ତିଙ୍କ ପୁତ୍ର ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଏବଂ ପଦ୍ମଲୋଚନ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ NSS ଓ YRC ସ୍ୱେଚ୍ଛାସେବୀମାନଙ୍କ ସକ୍ରିୟ ସହଯୋଗ ରହିଥିଲା । ଡ. ସୌଭାଗ୍ୟଲକ୍ଷ୍ମୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବଟି ପରିଚାଳନା କରାଯାଇଥିଲା । କଲେଜ କ୍ୟାଲେଣ୍ଡର ପ୍ରସ୍ତୁତି ନିମନ୍ତେ ମିସ୍ ରିୟା ଦାସ, ଡ. ମୋନିକା ଶତପଥୀ ଓ ଶ୍ରୀ ପ୍ରଦୀପ କୁମାର ଜେନାଙ୍କୁ ସାଧୁବାଦ ଜ୍ଞାପନ କରାଯାଇ ଥିଲା । ଶ୍ରୀଯୁକ୍ତ ସୁଶାନ୍ତ କୁମାର ମଣ୍ଡଳଙ୍କୁ ତାଙ୍କ ବିଶେଷ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ ଓ ଛାତ୍ରୀବୃନ୍ଦଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମାପନ ହୋଇଥଲା ।

# ଅସ୍ମିତାଙ୍କ ପ୍ରଥମ ବିଡବ୍ଲ୍ୟୁ ଟୁର ମୁକୁଟ : ଜିତିଲେ କୋରିଆ ମାଷ୍ଟର୍ସ

ସିଓଲ: ଭାରତୀୟ ବ୍ୟାଡ୍‌ମିଂଟନ ଖେଳାଳି ଅସ୍ମିତା ଚାଲିହା ନିଜର



ପ୍ରଥମ ବିଡବ୍ଲ୍ୟୁଏଫ୍ ଟୁର ମୁକୁଟ ରବିବାର କରାୟତ କରିଛନ୍ତି । ଏଠାରେ ଚାଲିଥିବା କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଂଟନ ପ୍ରତିଯୋଗିତାର ମହିଳା ଏକକ ଫାଇନାଲ୍‌ରେ ଏହି ୨୬ ବର୍ଷୀୟା ଗୁଆହାଟୀ ତରୁଣୀ ୧୪-୨୧, ୨୧-୧୪, ୨୧-୧୪ରେ ଚୀନ୍‌ର ହାଁ କ୍ୱିଆନ୍ ଜି'ଙ୍କୁ ମାତ୍ ଦେଇଥିଲେ । ପ୍ରଥମ ଗେମ୍ ହାରିବା ପରେ ସଫଳ ପ୍ରତ୍ୟାବର୍ତନ କରି ପରବର୍ତୀ ଦୁଇ ଗେମ୍‌କୁ ଜିତି ଟ୍ରଫି ନିଶ୍ଚିତ କରିଥିଲେ । ଚତୁର୍ଥ ମାନ୍ୟତାପ୍ରାପ୍ତ ଚାଇନିଜ୍ ଖେଳାଳିଙ୍କ ବିପକ୍ଷ ଏହି ଫାଇନାଲ୍ ମ୍ୟାଚ୍ ଜିତିବାକୁ ବିଶ୍ୱର ୫୦ ନମ୍ବର ଅସ୍ମିତାଙ୍କୁ ୫୩ ମିନିଟ୍ ଲାଗିଥିଲା । ଆହତ ଯୋଗୁଁ ୩ ମାସର ବିଶ୍ରାମ ପରେ ମେ ମାସରେ ଫେରିଥିବା ଅସ୍ମିତା, ଚାଇନା ଓ ମାଲେସିଅ ମାଷ୍ଟର୍ସର କ୍ୱାର୍ଟରଫାଇନାଲ୍‌ରେ ପହଂଚିଥିଲେ । ଚଳିତ ଋତୁରେ ମକାଉ ଓପନ୍ ସେମିଫାଇନାଲ୍ ଖେଳିବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା । ଗୁଆହାଟୀସ୍ଥିତ ଜାତୀୟ ଉତ୍କର୍ଷ କେନ୍ଦ୍ରରେ ପାର୍କ ଟାଏ-ସାଙ୍ଗ୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ଅସ୍ମିତା, କୋରିଆ ମାଷ୍ଟର୍ସ କ୍ୱାର୍ଟରଫାଇନାଲ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଜାପାନର ହିନା ଆକେଚିଙ୍କୁ ଏବଂ ସେମିଫାଇନାଲ୍‌ରେ ସାଥୀ ଭାରତୀୟ ରକ୍ଷିତା ରାମରାଜଙ୍କୁ ହରାଇ ଟ୍ରଫି ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲେ । ଅସ୍ମିତାଙ୍କ କୋରିଆ ମାଷ୍ଟର୍ସ ବିଜୟ ପରେ ଭାରତକୁ ଲଗାତାର ଦୁଇଟି ଟ୍ରଫି ଆସିଛି । ଗତ ସପ୍ତାହରେ ତନ୍ୱୀ ଶର୍ମା ତାଇପେଇ ଓପନ୍‌ରେ ଟ୍ରଫି ହାତେଇଥିଲେ ।

# ନେଟ୍‌କୁ ଫେରିଲେ ଶୁବମନ ଗିଲ୍



କଲମ୍ବୋ: ଶ୍ରୀଲଙ୍କା ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ପାଇଁ ଭଲ ଖବର ଆସିଛି । ଆହତ ଯୋଗୁଁ ଶ୍ରୀଲଙ୍କା ଏକାଦଶ ବିପକ୍ଷ ତିନିଦିନିଆ ଅଭ୍ୟାସ ମ୍ୟାଚ୍ ଖେଳି ନଥିବା ଅଧିନାୟକ ଶୁବମନ ଗିଲ୍ ନେଟ୍‌କୁ ଫେରିଛନ୍ତି । ରବିବାର ଅଭ୍ୟାସ ମ୍ୟାଚ୍‌ର ତୃତୀୟ ତଥା ଶେଷ ଦିନ ପୂର୍ବରୁ ଶୁବମନ ସାଇଡ୍ ନେଟ୍‌ରେ ବ୍ୟାଟିଂ କରୁଥିବାର ଦେଖିବାକୁ ମିଳିଛନ୍ତି । ଅନାମିକା ଆଙ୍ଗୁଠିରେ ଆଘାତ ଲାଗିଥିଲା ଅଭ୍ୟାସ ମ୍ୟାଚ୍ ପୂର୍ବରୁ ଭାରତୀୟ ଅଧିନାୟକଙ୍କ ଡାହାଣ ହାତ ଅନାମିକା ଆଙ୍ଗୁଠିରେ ଆଘାତ ଲାଗିଥିଲା । ଫଳରେ ସେ ଏହି ମ୍ୟାଚ୍ ଖେଳି ନଥିଲା ବେଳେ ତାଙ୍କ ଅନୁପସ୍ଥିତିରେ ଦଳର ନେତୃତ୍ୱ ଭାର ଉପଅଧିନାୟକ କେଏଲ୍ ରାହୁଲ ନେଉଛନ୍ତି । ଗିଲ୍ ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଦିନ ଖେଳିବେନି ବୋଲି ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲା । ହେଲେ ଦ୍ୱିତୀୟ ଦିନ ଗିଲ୍ ବି ବ୍ୟାଟିଂକୁ ଆସି ନଥିଲେ । ତାଙ୍କ ବ୍ୟାଟିଂ ପୋଜିସନ୍ ଚତୁର୍ଥରେ ରବୀନ୍ଦ୍ର ଜାଡ଼େଜା ଆସିଥିଲେ । ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୫ରୁ ଗଲ୍‌ରେ ଖେଳାଯିବ ।

## ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ

# ବସନ୍ତଙ୍କୁ ଐତିହାସିକ ହାଇଜମ୍ପ ରୌପ୍ୟ, ଲଙ୍ଗଜମ୍ପରେ ଶାହନୱାଜଙ୍କୁ କାଂସ୍ୟ

ଓରେଗନ୍: ଚଳିତ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ହାଇଜମ୍ପରେ ଭାରତୀୟ ଖେଳାଳି ବସନ୍ତ କୁମାର ମେଘୱାଲଙ୍କୁ ଐତିହାସିକ ରୌପ୍ୟ ପଦକ ମିଳିଛି । ଫଳରେ ବସନ୍ତ ପ୍ରଥମ ଭାରତୀୟ ଭାବେ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ପ୍ରତିଯୋଗିତାର ହାଇଜମ୍ପରେ ପ୍ରଥମ ପଦକ ଜିତିବାରେ ଗୌରବ ଅର୍ଜନ କରିଛନ୍ତି । ୧୯ ବର୍ଷୀୟ ବସନ୍ତ ବ୍ୟକ୍ତିଗତ ଶ୍ରେଷ୍ଠ ଜମ୍ପ ୨.୨୧ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ଅଲ୍‌ଜେରିଆର ୟୁନେସ ଆୟାଚି ସ୍ୱର୍ଣ୍ଣ ଓ ଗ୍ରେଟ୍ ବ୍ରିଟେନ୍‌ର ଓଟିସ୍ ପୁଲେ କାଂସ୍ୟ ଜିତିଥିଲେ । ବସନ୍ତ ପୂର୍ବତନ ଭାରତର ମହିଳା ହାଇଜମ୍ପ ରେକର୍ଡଧାରୀ ସାହାନା କୁମାରୀଙ୍କଠୁ ପ୍ରଶିକ୍ଷଣ ନେଉଛନ୍ତି । ତାଙ୍କ ପ୍ରଶିକ୍ଷଣରେ ବସନ୍ତ ପୂର୍ବ ବ୍ୟାକ୍ତିଗତ ଶ୍ରେଷ୍ଠ ଜମ୍ପଠୁ ୧୦



ସେଂଟିମିଟର ଅଧିକ ଜମ୍ପ କରିବାରେ ସଫଳ ହୋଇଛନ୍ତି । ଲଙ୍ଗଜମ୍ପରେ ଶାହନୱାଜ ଖାନ୍ କାଂସ୍ୟ ଯୋଡ଼ି ଦେଶ ପାଇଁ ଆଉ ଏକ ସ୍ମରଣୀୟ ମୁହୂର୍ତ ଆଣିଛନ୍ତି । ଫଳରେ ଚଳିତ ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩ (୨ ରୌପ୍ୟ, ୧ କାଂସ୍ୟ)ରେ ପହଂଚିଛି । ପୂର୍ବରୁ ଜାଭ୍‌ଲିନ୍‌ରେ ଆଶିଷ ଯାଦବ ରୌପ୍ୟ ପଦକ ଜିତିଥିଲେ । ଲଙ୍ଗ୍‌ଜମ୍ପ ଫାଇନାଲ୍‌ରେ ୧୮ ବର୍ଷୀୟ ଶାହନୱାଜ ୭.୮୪ ମିଟର ଡେଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଫାଇନାଲ୍‌ରେ ପହଂଚିଥିବା ଆଉ ଜଣେ ଭାରତୀୟ ଆରସି ଜିତିନ ଅର୍ଜୁନାନ୍ (୭.୫୯ ମିଟର) ଅଷ୍ଟମ ସ୍ଥାନରେ ରହିଥିଲେ । ଇଟାଲିର ଡାନିଏଲ ଏଞ୍ଜୋଲି (୭.୯୭ ମିଟର) ଓ ଅଷ୍ଟ୍ରେଲିଆର ମାସୁନ ମ୍ୟାକ୍‌ଗ୍ରଡର (୭.୯୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**